ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.91 Bhubaneswar Monday May 15 2023 | ୨୬ତମ ବର୍ଷ ସଂଖ୍ୟା-୯୧ ଭୁବନେଶ୍ୱର, ସୋମବାର, ମଇ ୧୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଶିକ୍ଷା, ସାମାଜିକ ନ୍ୟାୟ ଓ ମାନବାଧିକାର ସୁରକ୍ଷା ଲାଗି ଡ଼ ଆମ୍ବେଦକରଙ୍କ ଅବଦାନ ଅତୁଳନୀୟ




ନୂଆଦିଲ୍ଲୀ,୧୪।୫(ପି.ଏନ): ଭାରତୀୟ ସମାଜରେ ସମସ୍ତଙ୍କୁ ଶିକ୍ଷା ଏବଂ ନାଗରିକଙ୍କ ମାନବାଧିକାର ସୁରକ୍ଷା ଲାଗି ସମ୍ବିଧାନ ନିର୍ମାତା ଭୀମରାଓ ଆମ୍ବେଦକରଙ୍କ ଅବାଦନ ଅତୁଳନୀୟ ବୋଲି ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଓଡ଼ିଆ ଖବରକାଗଜ 'ପର୍ଯ୍ୟବେକ୍ଷକ' ଓ ଦି' କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ଡ଼ ପବିତ୍ର ମୋହନ ସାମନ୍ତରାୟ କହିଛନ୍ତି । ସ୍ଥାନୀୟ କନ୍‌ଷ୍ଟିଚ୍ୟୁସନ କ୍ଲବ ଠାରେ ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟର, ଭୁବନେଶ୍ୱର ଦ୍ୱାରା ଆୟୋଜିତ ପୁସ୍ତକ ଉନ୍ମୋଚନ ଓ ପୁରସ୍କାର ବିତରଣ ସମାରୋହର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସାମନ୍ତରାୟ ସୁସ୍ଥ ଭାରତୀୟ ସମାଜ ଏବଂ ଆଦର୍ଶ ଗଣତନ୍ତ୍ର ଗଠନ ଦିଗରେ ଡ଼ ଆମ୍ବେଦକରଙ୍କ ଅବଦାନକୁ ମନେପକାଇଥିଲେ । ପୂର୍ବତନ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଏନୟୁର ଆସିଷ୍ଟାଣ୍ଟ ପ୍ରଫେସର ପ୍ରଦୀପ କୁମାର ଚୌଧୁରୀ ଓ ଶିକ୍ଷାବିତ୍ ସୁଶାନ୍ତ ଦାସ ସମ୍ମାନିତ ଅତିଥି ଭାବେ ସାମିଲ ହୋଇଥିଲେ । ଏହି ଅବସରରେ ମୋନାଲିସା ପରିଡ଼ାଙ୍କ ଦ୍ୱାରା ରଚିତ ପୁସ୍ତକ ଡ଼ ବି ଆର ଆମ୍ବେଦକର- ଏ କ୍ରୁସେଡ଼ର ଅଫ ହ୍ୟୁମାନ ରାଇଟ୍ସ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ରଚିତ ପୁସ୍ତକ ବିୟଣ୍ଡ ଗରଜିଅସ, କବିତା ପୁସ୍ତକ ପାରାଡିଜମ ଏବଂ ସୌମ୍ୟା ଶର୍ମିଷ୍ଠା ଓ ସଂସ୍କୃତି ସୁମେଧାଙ୍କ ଦ୍ୱାରା ରଚିତ ପୁସ୍ତକ ହ୍ୟୁମାନ ରାଇଟ୍ସ ଆଣ୍ଡ ଚ୍ୟାଲେଞ୍ଜେସ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି 'ଭାରତୀୟ ସେବା ରତ୍ନ ସମ୍ମାନ ୨୦୨୩' ନିମନ୍ତେ ଶକ୍ତି ପ୍ରସାଦ ନାୟକ, ଚିନ୍ମୟ କୁମାର ମହାପାତ୍ର, ଭଗବାନ ଦାଶ, ଅମିତ କୁମାର ପରିଜା, ଟୁନା ଜେନା, ଦିଲ୍ଲୀପ କୁମାର ଦାସ, ଚିତ୍ତରଞ୍ଜନ ବାଗ, ଉତ୍କଳ କେଶରୀ ବିଶ୍ୱାଳ, ସୁଧାଂଶୁ ରଞ୍ଜନ ପ୍ରଧାନ, ଆଶିଷ କୁମାର ପତ୍ରୀ, ରାଜକିରଣ ପାଣିଗ୍ରାହୀ, ଚିନ୍ମୟ ରଞ୍ଜନ ମହାରଣା, ସତ୍ୟଜିତ ସେନାପତିଙ୍କୁ ସମ୍ମାନୀତ କରାଯାଇଥିଲା ।

## ୯ରୁ ୨୩ ଜିଲ୍ଲାକୁ ବଢ଼ିଲା ଏସ୍‌ଡିସି କଳେବର, ଯାଉନି ଆଦିବାସୀ ଦୁଃଖ




ଭୁବନେଶ୍ୱର,୧୪।୫(ପି.ଏନ): ରାଜ୍ୟର ଆଉ ୧୪ ଜିଲ୍ଲାରେ ଗଠନ ହେଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବା ଏସ୍‌ଡିସି । ଏହି ଜିଲ୍ଲାଗୁଡିକ ହେଲା ଅନୁଗୋଳ, ବଲାଙ୍ଗିର, ବାଲେଶ୍ୱର, ବରଗଡ, ବୌଦ୍ଧ, ଦେବଗଡ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡା, କଳାହାଣ୍ଡି, ନୂଆପଡା, ନୟାଗଡ ଓ ସମ୍ବଲପୁର । ଆଜି ଭୁବନେଶ୍ୱର ୟୁନିଟ୍-୧ ଆଦିବାସୀ ପ୍ରଦର୍ଶନୀ ପଡିଆରେ ବିରାଟ ଉତ୍ସବ ସହ ପରିଷଦ କାର୍ଯ୍ୟକ୍ଷମ ହେବାର ଶୁଭାରମ୍ଭ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଥିସହ ୨୩ ଜିଲ୍ଲାକୁ ବଢ଼ିଲା ଏସ୍‌ଡିସି କଳେବର । ହେଲେ ଆଦିବାସୀଙ୍କ ବିକାଶ ଲାଗି ଗଠନ ହୋଇଥିବା ଏସବୁ ଏସ୍‌ଡିସିର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଖୋଦ୍ ଆଦିବାସୀ । ସେମାନଙ୍କ ପ୍ରଶ୍ନ, ଯଦି ଆଦିବାସୀଙ୍କ ଉନ୍ନତି ନିମନ୍ତେ ସରକାର ତତ୍ପର ତେବେ ପ୍ରତିଦିନ ରାଜ୍ୟର ଆଦିବାସୀ ଅଞ୍ଚଳ ଲୋକେ ଖାଦ୍ୟ, ପାନୀୟ, ବାସଗୃହ, ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ପାଇଁ ହନ୍ତସନ୍ତ ହେଉଥିବା ଖବର ଆଲୋଚ଼ନାର ବିଷୟ ହେଉଛି କାହିଁକି ? ମେଡିକାଲ ପହଞ୍ଚିବାରେ ଆଦିବାସୀ ଜନନୀ ଯନ୍ତ୍ରଣା ଭୋଗୁଛି କାହିଁକି ? ଏପଟେ ନୂଆ ଏସ୍‌ଡିସି ଗଠନକୁ ନେଇ ଆରମ୍ଭ ହୋଇଯାଇଛି ରାଜନୀତି । ବିରୋଧୀଙ୍କ ଅଭିଯୋଗ, ଜନଜାତିଙ୍କ ପ୍ରତି ନାହିଁ ସରକାରଙ୍କ ଆନ୍ତରିତକା । ସାଧାରଣ ନିର୍ବାଚ଼ନ ପୂର୍ବରୁ କେବଳ ଅସନ୍ତୁଷ୍ଟଙ୍କ ଥଇଥାନ ଲାଗି ଖୋଲାଯାଉଛି ଏସ୍‌ଡିସି । କାହା ସ୍ୱାର୍ଥରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦିବାସୀଙ୍କ ବିକାଶ ନା ଭୋଟ୍ ବ୍ୟାଙ୍କ ଏସ୍‌ଡିସି ନାଁରେ ଆଦିବାସୀଙ୍କୁ ଭୁଆଁ ବୁଲାଉନାହାନ୍ତି ତ' ସରକାର ?

### ଗୁରୁବାର ଶପଥ ଗ୍ରହଣ କରିବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ !

ବେଙ୍ଗାଲୁରୁ,୧୪।୫(ପି.ଏନ): ଗୁରୁବାର ଦିନ କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟ ଶପଥ ଗ୍ରହଣ କରିବେ । କଂଗ୍ରେସ କାହାକୁ ଦାୟିତ୍ୱ ଦେବ, ତାହା ସ୍ପଷ୍ଟ ହୋଇନଥିଲେ ବି ଗୁରୁବାର ଦିନ ଶପଥ ଗ୍ରହଣ ସମାରୋହ ହେବ ବୋଲି ସୂଚ଼ନା ମିଳିଛି । ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ପରିବାର ସହ ଜାତୀୟ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡଗେ ଯୋଗଦେବେ । ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କଂଗ୍ରେସ ସମଭାବାପନ୍ନ ଦଳକୁ ନିମନ୍ତ୍ରଣ ପଠାଇଥିବା କୁହାଯାଉଛି । ତେବେ ଆଜି ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଚ଼ୟନ ପାଇଁ କଂଗ୍ରେସ ତିନିଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଛି । କଂଗ୍ରେସ ନିଯୁକ୍ତ କରିଥିବା ତିନିଜଣ ପର୍ଯ୍ୟବେକ୍ଷକ ହେଉଛନ୍ତି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ସିନ୍ଦେ, ପୂର୍ବତନ ସାଧାରଣ ସମ୍ପାଦକ ଦୀପକ ବାୱରିଆ ଏବଂ ବର୍ତ୍ତମାନର ସାଧାରଣ ସମ୍ପାଦକ ଭଓ୍ୱର ଜିତେନ୍ଦ୍ର ସିଂ । ପର୍ଯ୍ୟବେକ୍ଷକ ନିଯୁକ୍ତ କରିବା ସହ କଂଗ୍ରେସ ଆଜି ବେଙ୍ଗାଲୁରୁରେ ନୂତନ ନିର୍ବାଚ଼ିତ ବିଧାୟକଙ୍କ ଏକ ବୈଠକ ଡ଼କାଇଛି । ଏହି ବୈଠକରେ ଉପସ୍ଥିତ ରହି ପର୍ଯ୍ୟବେକ୍ଷକମାନେ ବିଧାୟକଙ୍କଠାରୁ ମତ ନେବେ ଓ ଦଳର ହାଇକମାଣ୍ଡଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ ।

## ପୁଣି ବାଘ ଛାଲ ଜବତ, ୨ ଗିରଫ

କନ୍ଧମାଳ, ୧୪।୫(ପି.ଏନ): ପୁଣି କନ୍ଧମାଳରୁ କଲରାପତରିଆ ବାଘ ଛାଲ ଜବତ ହୋଇଛି । ବାଘ ଛାଲ ଚୋରାଚାଲାଣ ବେଳେ ଶନିବାର ଦୁଇ ଜଣଙ୍କୁ ଗିରଫ କରିଛି ଫୁଲବାଣୀ ବନ ବିଭାଗ ।ଖବରରୁ ପ୍ରକାଶ ଯେ, ଚକାପାଦ ଥାନା ପସରା ପଂଚାୟତ ଅନ୍ତର୍ଗତ ପଖାଳଖିଆ ଗ୍ରାମରେ ବାଘ ଛାଲ ଚୋରା ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଫୁଲବାଣୀ ବନ ବିଭାଗ ଡିଏଫଓ ପ୍ରଶାନ୍ତ ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ମଳୟ ରଞ୍ଜନ କାଲୋଙ୍କ ବଳିଷ୍ଠ ନେତୃତ୍ୱରେ ସୁଦ୍ରୁକୁମ୍ପା ରେଞ୍ଜର ଶିଶିର କୁମାର ଝାଙ୍କରଙ୍କ ଆନ୍ତରିକ ସହଯୋଗରେ ଏକ ବାର ଜଣିଆ ଟିମ ଘଟଣାସ୍ଥଳରେ ଚଢ଼ଉ କରି ଏକ କଲରା ପତରିଆ ବାଘ ଛାଲ ଜବତ କରିବା ସହ ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଶିକାରୀ ଯଶୋବନ୍ତ କହଁର ଓ ଚାଲାଣକାରୀ ଆଲୋକ କହଁର । ସେମାନେ କଲରା ପତରିଆ ବାଘ ଛାଲକୁ ବିକ୍ରୀ କରିବା ଲାଗି ଉଦ୍ୟମ କରୁଥିଲେ ବୋଲି ବନ ବିଭାଗ ଡ଼ିଏଫଓ ପ୍ରଶାନ୍ତ ପଟେଲ କହିଛନ୍ତି । ଶନିବାର ଡାକ୍ତରୀ ପରିକ୍ଷା ପରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଡ଼ିଏଫଓ ପଟେଲ କହିଛନ୍ତି ।ସୂଚନାଯୋଗ୍ୟ ଯେ, ନିକଟରେ ମଧ୍ୟ ଫୁଲବାଣୀ ବନବିଭାଗ ବାଘଛାଲ ଜବତ କରିଥିଲା । ତେବେ ଏଠାରେ ପ୍ରଶ୍ନ ଉଠୁଛି, ଏତେ ବାଘ ଛାଲ ଆସୁଛି କେଉଁଠୁ । ରାଣୀପଥର, ସୁଦ୍ରୁକୁମ୍ପା, ଚକାପାଦ, ଗାଡିଆପଡା ଓ ଆଖ ପାଖ ଜଙ୍ଗଲରୁ ବାଘକୁ ମାରି ନାହାଁନ୍ତି ତ । ଏହି ଶିକାରୀ ମାନେ ନା ଅନ୍ୟ ଅଂଚଳରୁ ଶିକାର କରି ଆଣି ଏଠାରେ ବିକ୍ରୀ ଉଦ୍ୟମ କରୁଥିଲେ ତାର ତଦନ୍ତ ନିତାନ୍ତ ଆବଶ୍ୟକ । ଏହାକୁ ରୋକିବା ପାଇଁ ବନ ବିଭାଗ ଏ ଦିଗରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ।

### ମାଡିଗଲା ଅଜଣା ଗାଡି : ୩ ମୃତ

ଯାଜପୁର, ୧୪।୫(ପି.ଏନ): ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ କଡ଼େଇ ଛକରେ ଅଜଣା ଗାଡି ମାଡିଯିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ଆଜି ଭୋର୍ ସମୟରେ ଏକ ଅଜଣା ଗାଡ଼ି ଚଢ଼ି ଯିବାରୁ ରାସ୍ତା ଉପରେ ହିଁ ୩ ସାଙ୍ଗଙ୍କ ମୃତ୍ୟୁ ଘଟିଛି । ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ କଡେଇ ଛକ ନିକଟରେ ଘଟିଛି । ମୃତକମାନେ ହେଲେ ଧର୍ମଶାଳା ଥାନା ମାନତିରା ଗ୍ରାମର ଅଭିଷେକ ସର (୨୨), ଧର୍ମଶାଳା ବ୍ଲକ ଚଡେଇଧରା ଅଂଚଳର ଅଂଚଳ ସାହୁ (୨୬) ଓ ଜଗତପୁର ଅଂଚଳର ଦେବାଶିଷ ନାୟକ (୨୪) । ଏହି ୩ ସାଙ୍ଗ ଗତକାଲି ବିଳମ୍ବିତ ରାତିରେ ଯାଜପୁର ଜିଲ୍ଲାର ମାଲତିରାରୁ ଏକ ବାଇକ୍ ଯୋଗେ ପୁରୀ ଯିବାକୁ ବାହାରିଥିଲେ । କିଛି ବାଟ ଯିବା ପରେ ଭୋର ପ୍ରାୟ ୪ଟା ସମୟରେ ଭାରସାମ୍ୟ ହରାଇ ଗାଡ଼ିଟି କଡେଇ ଛକ ନିକଟରେ ପଡିଯାଇଥିଲା । ଫଳରେ ୩ ସାଙ୍ଗ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ଆଉ ଉଠି ପାରି ନ ଥିଲେ । ଏହି ସମୟରେ ଏକ ଅଜଣା ଗାଡି ସେମାନଙ୍କ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ବଡ଼ଚଣା ପୁଲିସ ସେଠାରେ ପହଂଚି ମୃତଦେହକୁ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ମେଡିକାଲକୁ ପଠାଇଛି । ଏଥିସହ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ କିଛି ସୂଚନା ମିଳିନି ।

## କିଏ ହେବେ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ? ଆଜି କଂଗ୍ରେସ ବିଧାୟକ ଦଳ ବୈଠକ



ନୂଆଦିଲ୍ଲୀ,୧୪।୫(ପି.ଏନ):କର୍ଣ୍ଣାଟକା ବିଧାନସଭା ନିର୍ବାଚ଼ନରେ କଂଗ୍ରେସ ରେକର୍ଡ ବିଜୟ ହାସଲ କରିଛି । ଦଳ ୧୩୫ଟି ବିଧାନସଭା ଆସନରେ ବାଜିମାତ କରି ସରକାର ଗଠନ କରିବାକୁ ଯାଉଛି । ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୧୧୩ । ଦଳ ଏହାଠାରୁ ଯଥେଷ୍ଟ ଅଧିକ ଆସନ ଜିତିଛି ।ନିର୍ବାଚ଼ନରେ କଂଗ୍ରେସ ବାଜିମାତ କରିଥିଲେ ହେଁ କିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ, ତା'କୁ ନେଇ ଆଲୋଚ଼ନା ଆରମ୍ଭ ହୋଇଯାଇଛି । ଗୋଟିଏ ପଟେ ରାଜ୍ୟ କଂଗ୍ରେସ ମୁଖିଆ ଡିକେ ଶିବକୁମାର ରହିଥିବା ବେଳେ ଅନ୍ୟପଟେ ରହିଛନ୍ତି ବରିଷ୍ଠ ନେତା ସିଦ୍ଦରମୈୟା । ଉଭୟ ମୁଖ୍ୟମନ୍ତ୍ରୀ ଚୌକି ଉପରେ ନଜର ରଖିଛନ୍ତି । ତେବେ ମୁଖ୍ୟମନ୍ତ୍ରୀ କିଏ ହେବେ, ତା'ର ନିଷ୍ପତ୍ତି ନେବାକୁ ଆଜି ସନ୍ଧ୍ୟାରେ କଂଗ୍ରେସ ବିଧାୟକ ଦଳ ବୈଠକ ଡାକିଛି । ସମସ୍ତ ନବ ନିର୍ବାଚ଼ିତ ବିଧାୟକ ଏହି ବୈଠକରେ ଯୋଗଦେବେ । କର୍ଣ୍ଣାଟକା କଂଗ୍ରେସ ମୁଖ୍ୟ ଶିବକୁମାର ଟ୍ୱିଟ କରି ଆଜି ସନ୍ଧ୍ୟା ୬ଟାରେ ବିଧାୟକ ଦଳ ବୈଠକ ବସୁଥିବା ସୂଚ଼ନା ଦେଇଛନ୍ତି । ସେ କହିଛନ୍ତି, ଆଜି ସନ୍ଧ୍ୟା ୬ଟାରେ ବେଙ୍ଗାଲୁରୁର ଶଙ୍ଗରୀ ଲା ହୋଟେଲରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିବ । ଏଥିରେ ସମସ୍ତ ବିଧାୟକ ଯୋଗଦେବେ ।

### ପ୍ରକାଶ ପାଇଲା ICSE ଓ ISC- ୨୦୨୩ ରେଜଲ୍ଟ

ଭୁବନେଶ୍ୱର,୧୪।୫(ପି.ଏନ) ପ୍ରକାଶ ପାଇଲା ICSE ଓ ISC- ୨୦୨୩ ରେଜଲ୍ଟ । ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ରେଜଲ୍ଟ ଆଜି ପ୍ରକାଶ ପାଇଛି । ପାସ୍‌ହାର ICSE ଦଶମରେ ୯୮.୯୪% ହୋଇଥିବା ବେଳେ ISC ଦ୍ୱାଦଶରେ ୯୬.୯୩% ହୋଇଛି । cisce.org ଓ results.cisce.orgରେ ରେଜଲ୍ଟ ଉପଲବ୍ଧ ହେଉଛି । ଡିଜିଲକର ଓ ଝଗଝ ଜରିଆରେ ମଧ୍ୟ ରେଜଲ୍ଟ ଜାଣି ହେବ ।

## ଉଡ଼ି ସେକ୍ଟରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କଲା ସେନା

ବାରାମୁଲା, ୧୪।୫(ପି.ଏନ): ବାରାମୁଲା ଜିଲ୍ଲାର ନିୟନ୍ତ୍ରଣ ରେଖା ନିକଟରେ ଉଡ଼ି ସେକ୍ଟରରେ ଶନିବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛନ୍ତି ସେନାର ଯବାନ ମାନେ । ବିଭାଗୀୟ ଅଧିକାରୀ ମାନେ ଏନେଇ ସୂଚନା ଦେଇ କହିଛନ୍ତି ଯେ, ସେନା ପକ୍ଷରୁ ବଣ ଜଙ୍ଗଲ ଘେରା ସମ୍ପୃକ୍ତ ଅଂଚଳରେ ତଲାସୀ ଅଭିଯାନ ଆରମ୍ଭ ହୋଇଛି ।ଅଧିକାରୀ ମାନେ କହିଛନ୍ତି ଯେ, ଆତଙ୍କବାଦୀ ଓ ସେନା ମଧ୍ୟରେ କିଛି ସମୟ ପାଇଁ ଗୁଳି ବିନିମୟ ହୋଇଥିଲା । ଏହାପରେ ପାକିସ୍ତାନ ଦ୍ୱାରା ଘଟଣାସ୍ଥଳରେ ଏକ କ୍ୱାଡ କାପ୍ଟର ଉଡା ଯାଇଥିଲା । ଯବାନ ମାନଙ୍କ ଦ୍ୱାରା ଗୁଳି ଚଳାଯିବା ପରେ କ୍ୱାଡ କାପ୍ଟରକୁ ପୁଣି ଫେରାଇ ନେଇଥିଲା ପାକିସ୍ତାନ । ଅଧିକାରୀ ମାନେ କହିଛନ୍ତି ଯେ, କ୍ୱାଡ କାପ୍ଟରର ବ୍ୟବହାର କରି ଅନୁପ୍ରବେଶ ଉଦ୍ୟମ ସମୟରେ ସହାୟତା ପ୍ରଦାନ କରିବା ଦ୍ୱାରା ଆତଙ୍କବାଦୀ ଓ ପାକିସ୍ତାନ ସେନା ମଧ୍ୟରେ ମିଳିଭଗତ ସାମ୍ନାକୁ ଆସିଛି ।

## ନବୀନ ନିବାସରେ ଦୀପାଳି



ଭୁବନେଶ୍ୱର,୧୪।୫(ପି.ଏନ): ଝାରସୁଗୁଡ଼ା ନବନିର୍ବାଚ଼ିତ ବିଧାୟିକା ଦୀପାଳି ଦାସ ଆଜି ସନ୍ଧ୍ୟା ବେଳେ ନବୀନ ନିବାସ ଯାଇଥିଲେ । ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ । ଝାରସୁଗୁଡ଼ାର ବିକାଶକୁ ଆଗେଇ ନେବା ସହ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଦୀପାଳିଙ୍କୁ ନବୀନ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ଉପନିର୍ବାଚ଼ନରେ ବିଜୟୀ ହେବା ପରେ ଭୁବନେଶ୍ୱରରେ ପହଞ୍ଚିଥିଲେ ଦୀପାଳି ଦାସ । ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେ କହିଥିଲେ, ଏ ବିଜୟ ଝାରସୁଗୁଡ଼ାବାସୀଙ୍କ ବିଜୟ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୟ । ଏ ବିଜୟ ବିକାଶର ବିଜୟ ଓ ନବ ଦାସଙ୍କ ବିଜୟ । ଏ ଉପନିର୍ବାଚ଼ନରେ ବିଜେଡିର ବହୁ ବରିଷ୍ଠ ନେତୃ ମଣ୍ଡଳୀ ବହୁତ ପରିଶ୍ରମ କରିଛନ୍ତି । ଏବେ ଭୁବନେଶ୍ୱର ପହଞ୍ଚିଛି ସମସ୍ତଙ୍କୁ ଭେଟିବା ପାଇଁ । ସମସ୍ତଙ୍କଠାରୁ ଆଶୀର୍ବାଦ ନେବା ପାଇଁ । ସେମାନଙ୍କୁ କୃତଜ୍ଞତା ଜଣାଇବି ବୋଲି ଦୀପାଳି କହିଛନ୍ତି ।

## ASI ଡିଜି ଭାବେ ପ୍ରଥମ ଥର ଓଡ଼ିଶା ଆସିଲେ କିଶୋର ବାସା

ଭୁବନେଶ୍ୱର,୧୪।୫(ପି.ଏନ): ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୟାରୁ ମିଳିଛି ଗୁରୁଦାୟିତ୍ୱ । ଏଏସଆଇ ଡିଜି ଭାବେ ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସି ଏହା କହିଛନ୍ତି କିଶୋର କୁମାର ବାସା । ଛ' ମାସ କାର୍ଯ୍ୟକାଳ ଭିତରେ ସେ ଓଡ଼ିଶାର ସମସ୍ତ କାର୍ଯ୍ୟକ୍ରମ କେମିତି ତ୍ୱରାନ୍ୱିତ ହେବ ସେ ଦିଗରେ ଧ୍ୟାନ ଦେବେ । କପିଳେଶ୍ୱର ମନ୍ଦିର ଏବେ ତାଲିକାଭୁକ୍ତ ହୋଇଛି । ଅଧିକାରୀଙ୍କ ସହ ଆଲୋଚ଼ନା କରି ଭଲ ସଂରକ୍ଷଣ ପ୍ଲାନ ସଂପର୍କରେ ବିଶେଷଜ୍ଞଙ୍କ ମତାମତ ନେବେ । ଏହାପରେ ଏନେଇ ପ୍ରୋଜେକ୍ଟ କରାଯାଇ ଆଗେଇବେ ବୋଲି ଏଏସଆଇ ଡିଜି କହିଛନ୍ତି । ଛ' ମାସ କାର୍ଯ୍ୟକାଳରେ ସେ ଓଡ଼ିଶା ପାଇଁ ତାଙ୍କର ବେଷ୍ଟ ଦେବେ ବୋଲି କହିଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ଲାଗି ସମସ୍ତ ଅନୁମତି ଦିଆଯାଇଛି । ପ୍ରଭୁ ଲିଙ୍ଗରାଜ ମନ୍ଦିର ପାଇଁ କିଛି ଅନୁମତି ଦିଆଯାଇଥିବା ବେଳେ ଆଉ କିଛି ବିଷୟରେ ତଦାରଖ କରି ଅନୁମତି ଦିଆଯିବ ବୋଲି ଏଏସଆଇ ଡିଜି କିଶୋର ବାସା କହିଛନ୍ତି

## ବର୍ଷକ ଭିତରେ ସମୁଦ୍ର ଭିତରୁ ଧରାପଡିଲାଣି ୪୦ ହଜାର କୋଟିର ଡ୍ରଗ୍ସ, ପାକିସ୍ତାନ ଆଇଏସ୍‌ଆଇ'ର ସମ୍ପୃକ୍ତି

ନୂଆଦିଲ୍ଲୀ,୧୪।୫(ପି.ଏନ): ଅପରେସନ ସମୁଦ୍ରଗୁପ୍ତ ଅଭିଯାନରେ ବର୍ତ୍ତମାନ ସୁଦ୍ଧା ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ବିଭିନ୍ନ ତଦନ୍ତକାରୀ ସଂସ୍ଥା ସହ ମିଶି ବର୍ଷକ ଭିତରେ ୪୦ ହଜାର କୋଟି ଟଙ୍କାର ଡ୍ରଗ୍ସ ଧରିଛି । ପାକିସ୍ତାନରୁ ହାଜି ସଲିମ୍ ଏହି ରାକେଟ୍‌ର ମାଷ୍ଟରମାଇଣ୍ଡ ଭାବେ ଡ୍ରଗ୍ସ ଚୋରାଚ଼ାଲାଣ କରୁଥିବା ଜବତ ବେଳେ ଧରାପଡିଛି । ତେବେ ଏହି ନିଶା ଚୋରାଚ଼ାଲାଣରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବେବି ଏନ୍‌ଆଇଏ, ଆଇବି, ର', ଏନ୍‌ସିବି ତାହାର ତଦନ୍ତ କରୁଛନ୍ତି ।ଡ୍ରଗ୍ସ ଚୋରାଚ଼ାଲାଣ ମାମଲାରେ ପାକିସ୍ତାନର ଖୁପିଆ ଏଜେନ୍ସି ଆଇଏସ୍ ?ଆଇ ଏବଂ ଅଣ୍ଡରୱାର୍ଡର ସମ୍ପୃକ୍ତି ମଧ୍ୟ ଧରାପଡିଛି । ଭାରତକୁ ଚ଼ାଲାଣ ହେଉଥିବା ଡ୍ରଗ୍ସ ମାମଲା ପଛରେ ଏମାନଙ୍କ ହାତ ଥିବା ସ୍ପଷ୍ଟ ହେବାରେ ଲାଗିଛି । ସମୁଦ୍ରଗୁପ୍ତ ଅଭିଯାନ ଆଇଏସ୍‌ଆଇର ମୁଖା ଖୋଲି ଦେଇଛି । ମିଳିତ ରାକେଟ୍ ଭାରତର ଜଳପଥ ଭିତରେ ବିଭିନ୍ନ ବନ୍ଦରକୁ ବିଭିନ୍ନ ରୁଟ୍ ଦେଇ ଡ୍ରଗ୍ସ ଚୋରାଚ଼ାଲାଣ କରୁଛନ୍ତି ।



## ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଜି-୨୦ ପ୍ରତିନିଧି ମଣ୍ଡଳୀ ସଦସ୍ୟ

ପୁରୀ,୧୪।୫(ପି.ଏନ): ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଜି-୨୦ ପ୍ରତିନିଧି ମଣ୍ଡଳୀ ସଦସ୍ୟ । କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଶନ ରେଡ୍ଡୀ, ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ୍ ମେଘୱାଲ ପୁରୀ ଗସ୍ତରେ ଯାଇ ବେଳାଭୂମି ବୁଲି ଦେଖିଛନ୍ତି । ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ପ୍ରାଚ଼ୀନ ନୌବାଣିଜ୍ୟ ପରମ୍ପରା ଓ ସାଂସ୍କୃତିକ ସମନ୍ୱୟକୁ ନେଇ ଆକର୍ଷଣୀୟ ବାଲୁକା କଳା ନିର୍ମାଣ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀଙ୍କ ସହ ଜି – ୨୦ ପ୍ରତିନିଧି ବାଲୁକା କଳା ଦେଖି ଏହାକୁ ପ୍ରଶଂସା କରିଥିଲେ ।ଆଜିଠୁ ଆରମ୍ଭ ହୋଇଛି ଜି – ୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ । ଏହି ବୈଠକ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚ଼ାଲିବ । ଆସନ୍ତାକାଲି ସନ୍ଧ୍ୟାରେ "Sustain: The Craft Edium" ଶୀର୍ଷକ ପ୍ରଦର୍ଶନୀକୁ ଉଦଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବୈଠକରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିନିଧିମାନଙ୍କୁ କୋଣାର୍କ ଓ ଉଦୟଗିରି ଗୁମ୍ଫା ପରିଦର୍ଶନ କରିବାର ସୁଯୋଗ ମିଳିବ । ବିଦେଶରୁ ଆସିଥିବା ଅତିଥିମାନେ ଓଡ଼ିଶୀ, ଗୋଟିପୁଅ ଏବଂ ସମ୍ବଲପୁରୀର ପ୍ରତ୍ୟକ୍ଷ ଅନୁଭୂତିର ଲାଭ ନେଇପାରିବେ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୁପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିା୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଲ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ମାନବ ସେବାରେ ଦୂରଦର୍ଶନ

**ବିପିନବିହାରୀ ମହାନ୍ତି**

ଜଗତୀକରଣ ପ୍ରକ୍ରିୟାରେ ବିଶ୍ୱ ଏବେ ସଂକୁଚିତ ହୋଇଯାଇଛି ଅର୍ଥାତ୍ ବିଶ୍ୱ ଏକ ପରିବାର ପାଲଟି ଯାଇଛି। ଏହି ପାରିବାରିକ କାରଣରୁ ଆମ ପାଇଁ ଅନେକ କିଛି ସହଜ,



ସରଳ ଏବଂ ସୁଗମ ହୋଇପାରିଛି । ଏ ସବୁର ମୂଳ କାରଣ ଆମ୍ଭମାନଙ୍କ ପାଖରେ ସଂପ୍ରତି ପହଂଚିଥିବା ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥାର ସୁଲଭତା। ତେବେ ସାଂପ୍ରତିକ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱବାସୀଙ୍କୁ ସନ୍ନିକଟ କରାଇବା ତଥା ପରସ୍ପରକୁ ବୁଝିବା ଏବଂ ସିନେମା, ଚକୁଳିଆ ପଣ୍ଡା ଗୀତ ଏବଂ ଜାନୁଘଣ୍ଟିଆର ବାଣୀ ଅଥବା ପୁରାଣ କାହାଣୀ ଏସବୁ ଗଣମାଧ୍ୟମର ତାଳପତ୍ର ସଦୃଶ। ତେବେ ସଂକ୍ଷେପରେ ଏହାକୁ ଉକ୍ତି ବାଚକ, ଲିଖିତ, ଶ୍ରୁତି ବାଚକ, ଦର୍ଶନ ସୂଚକ, ତଥା ଦୃଶ୍ୟ-ଶ୍ରାବ୍ୟ ଏହି ପ୍ରକାର ବିଭିନ୍ନ ଭାବରେ ବିଭକ୍ତ କରାଯାଇପାରେ।

ଦୂରଦର୍ଶନ ଦୃଶ୍ୟ-ଶ୍ରାବ୍ୟର ମାଧ୍ୟମ ଅର୍ଥାତ୍ ଏକ ସମୟରେ ଘଟୁଥିବା ଘଟଣା ବା କାହାଣୀମାନ ଦେଖିହୁଏ ଏବଂ ଶୁଣିହୁଏ। ମହାଭାରତରୁ ଜାଣିଛୁ ଅନ୍ଧ ଧୃତରାଷ୍ଟ୍ରଙ୍କୁ ସଂଜୟ କୁରୁକ୍ଷେତ୍ରରେ ଚାଲିଥିବା ଯୁଦ୍ଧର ବିବରଣୀ ଯୋଜନ ଯୋଜନ ଦୂରରେ ରହି ଶୁଣାଉଥିଲେ। ଏହିଦୃଷ୍ଟିରୁ ସେ ଦୂରଦର୍ଶନ କାର୍ଯ୍ୟ କରୁଥିଲେ। ଏହା କେତେଦୂର ଦିବ୍ୟଦୃଷ୍ଟି ଥିଲା ତାହା ଆମ ଚିନ୍ତାର ବାହାରେ ଅଥଚ- ଆମେ ଆଜି ଏହାକୁ ଅସ୍ୱୀକାର କରିପାରୁନାହୁଁ କାରଣ ଆମେ ସଂଜୟଙ୍କୁ ଟପି ଯାଇଛୁ।

ଦୂରଦର୍ଶନ ବିଭିନ୍ନ ଉପାୟରେ ଆମକୁ ସାହାଯ୍ୟ କରିଥାଏ। ଏହା ବିଶ୍ୱ ସଂପର୍କରେ ଲୋକମାନଙ୍କୁ ଶିକ୍ଷା ଦେଇଥାଏ; ବିଶ୍ୱର ବିଭିନ୍ନ ସମସ୍ୟା ଏବଂ ତାର ବାସ୍ତବ କାହାଣୀ ଯାହା ଏକତାର ଭାବ ସୃଷ୍ଟି କରିଛି ଏବଂ ସର୍ବୋପରି ପୃଥିବୀରେ ଜଗତିକରଣ ପ୍ରକ୍ରିୟାରେ ବିଭିନ୍ନ



ପ୍ରକାର ସମସ୍ୟାର ଉତ୍ପତ୍ତି , ଗତି, ଏବଂ ସମାଧାନର ସୂତ୍ର ବାହାର କରିବାରେ ସାହାଯ୍ୟ କରିପାରୁଛି। ବିଶେଷ କରି ପୃଥିବୀରେ ଶାନ୍ତି, ନିରାପତ୍ତା, ଅର୍ଥନୈତିକ ସ୍ଥିତି ପ୍ରଗତି ସାମାଜିକ ଉନ୍ନତି ଏବଂ ସାଂସ୍କୃତିକ ଭାବର ବିନିମୟ ପାଇଁ ଏହା ବିଶେଷ ସହାୟକ ହେଉଛି। ଏହାର ଆବଶ୍ୟକତା ଶିଶୁଠାରୁ ବୃଦ୍ଧଯାଏଁ କିଏ ଯେ ଉପଲବ୍ଧ ନକରୁଛି, ତାହା ଅସ୍ୱୀକାର କରିହେବ ନାହିଁ। ଆମ ପାଇଁ ଏହାର ଆବଶ୍ୟକତା ଅତୁଳନୀୟ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜାତିସଂଘର ସାଧାରଣ ସଭାଦ୍ୱାରା ୧୯୯୬ ଡିସେମ୍ବର ୨୧ ତାରିଖରେ “ଦୂରଦର୍ଶନ” ଦିବସ ପାଳନାର୍ଥେ ଏକ ନିଷ୍ପତ୍ତି ନିଆଗଲା। ସେବେଠୁ ବିଶ୍ୱ ଦୂରଦର୍ଶନ ଦିବସ ପାଳିତ ହୋଇଆସୁଅଛି। ଏହା ଆଧୁନିକ ସଭ୍ୟତା ପାଇଁ ଏକ ନୂତନ ଗଣମାଧ୍ୟମ। ଏହା ସାରା ବିଶ୍ୱକୁ ସଂକୁଚିତ କରିବାରେ ତଥା ପ୍ରତ୍ୟେକଙ୍କୁ ଏ ବିଶ୍ୱର ଏକ ଅଂଶୀଦାର ଭାବେ ବିବେଚନା କରିବାକୁ ନିଶ୍ଚିତ କରାଇଛି। କହିବା ବାହୁଲ୍ୟ ଯେ ସୂର୍ଯ୍ୟଙ୍କ ପାଖରେ ଲଣ୍ଠନ ବତୀଟିଏ ଯେପରି ଗୁରୁତ୍ୱ ହରାଇଥାଏ, ସେହିପରି ସାଂପ୍ରତିକ ଦୂରଦର୍ଶନ ବା ଟିଭି କାରଣରୁ ଆକାଶବାଣୀ ଯିଏ ଏକଦା ପ୍ରଭାବ ବିସ୍ତାର କରିଥିଲା, ସିଏ ମଉଳିଗଲାଣି ।

ଅନେକଙ୍କ ଘରେ ସମ୍ବାଦପତ୍ର ଆଉ କେହି କିଣନ୍ତି ନାହିଁ; କେହି ସିନେମା, ନାଚ, ଥିଏଟର ଇତ୍ୟାଦି ମନୋରଂଜନ କାର୍ଯ୍ୟକ୍ରମକୁ ଯାଆନ୍ତି ନାହିଁ; ଖେଳ ପଡିଆରେ କେହି କ୍ରିକେଟ ବା ଫୁଟବଲ ବା କବାଡି ଦେଖନ୍ତି ନାହିଁ। ମହାକାଶଯାନର ଉତ୍ତୋଳନ ବା




କୌଣସି ଦୁର୍ଘଟଣାର ଚାକ୍ଷୁଷ ପ୍ରମାଣ ପାଇଁ କେହି ଦଉଡି ଯାଆନ୍ତି ନାହିଁ। ସେ ସବୁ ଆମ ହାତପାଆନ୍ତିରେ ଆମରି ପାଖରେ ଯଦି ଟିଭିଟିଏ ଅଛି ପଂହଚିଯାଉଛି। ଜୀବନର ଏମିତି କିଛି ଖୋଜିବା ବି ଲୋଡିବା କଥାନାହିଁ ଯାହା ଦୂରଦର୍ଶନ ମାଧ୍ୟମରେ ଆମେ ପାଇନଥାଉ।

ଏ ସମସ୍ତ କଥାକୁ ଉପଲବ୍ଧି କରି ଜାତିସଂଘ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ୨୧ ନଭେମ୍ବରକୁ ‘ବିଶ୍ୱ ଦୂରଦର୍ଶନ ଦିବସ’ ରୂପେ ପାଳନ କରିବା ହିଁ ଯଥାର୍ଥ ।




ନିଜର ଅଭାବ ମେଣ୍ଟାଇବା, ଭାବର ଆଦାନ ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିଛି।

ପରସ୍ପରକୁ ନିକଟତର କରାଇବାର ବୁଝିବାର ଏବଂ ବୁଝାଇବାର ମାଧ୍ୟମକୁ କୁହନ୍ତି ଗଣମାଧ୍ୟମ। ଗଣମାଧ୍ୟମ କୌଣସି ଦେଶର ଶାସନ କ୍ଷେତ୍ରରେ ଚତୁର୍ଥ ସ୍ତମ୍ଭ। ଗଣମାଧ୍ୟମ କହିଲେ ସମ୍ବାଦ ଗ୍ରହଣ, ପ୍ରଚାର ଏବଂ ପରିବେଷଣକୁ ବୁଝାଏ। ଆମେ ଜାଣିଥିବା ଏବଂ ପଢୁଥିବା ଖବରକାଗଜ, ଆକାଶବାଣୀ, ପତ୍ରପତ୍ରିକା, ପ୍ରାଚୀରପତ୍ର, ପାଲା, ଦାସକାଠିଆ, ନାଚ, ଥିଏଟର, ତତ୍କ୍ଷଣିକ ଘଟି ଚାଲିଛି ସେଗୁଡିକ ଆମକୁ ଦେଖାଇଥାଏ ଏବଂ ଶୁଣାଇଥାଏ। ଏହା ଗଣମାଧ୍ୟମର ସର୍ବୋତ୍ତମ ସଂବାଦ ପ୍ରଚାର ଏବଂ ପ୍ରଘଟକାରୀ ଏକ ଯନ୍ତ୍ର ଯାହା ଆମ ପୃଥିବୀର ଯେକୌଣସି କୋଣରେ ଘଟିଯାଉଥିବା ଦୃଶ୍ୟ ବା କାହାଣୀକୁ ଆମ ଘରେ ବସି ଦେଖିପାରୁଛୁ ଏବଂ ତାର ଅଂଶୀଦାର ହୋଇପାରୁଛୁ; ଏହା ମାଧ୍ୟମରେ ଆମେ ଆମର ସ୍ୱାଧୀନ ଭାଷଣକୁ ବା ଭାବକୁ ବ୍ୟକ୍ତ କରିପାରୁଛୁ; ଏହା ବିଶ୍ୱ ସ୍ତରରେ ସାଂସ୍କୃତିକ କ୍ଷେତ୍ରରେ ନାନା ବିଭିନ୍ନତା ମାଧ୍ୟମରେ

*-ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ଚାଷୀଙ୍କ ବ୍ୟାଙ୍କ ଖାତାକୁ କେବେ ବୀମା କ୍ଷତିପୂରଣ ଏବଂ ଇନପୁଟ ସବସିଡି ଟଙ୍କା ଯିବ ?

ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ୧୨ଟି ଜିଲା ଏବଂ ୬୪ଟି ବ୍ଲକରେ ୨୦୨୧ ମସିହାରେ କୃଷକମାନଙ୍କର ମରୁଡ଼ି ଜନୀତ ଫସଲହାନୀ ଘଟିଥିଲା। ରାଜ୍ୟ ସରକାରଙ୍କର ପ୍ରଦତ ନିୟମ ଅନୁସାରେ କୃଷକମାନଙ୍କୁ ୨୦୨୧ ଖରିଫ ଋତୁର ଦୁଇମାସ ଭିତରେ କ୍ଷତିପୂରଣ ଭରଣ କରାଯିବା କଥା। କ୍ଷୟକ୍ଷତି ଆକଳନ ହୋଇସାରିଲା ପରେ ମଧ ରାଜ୍ୟ ସରକାର କ୍ଷୟକ୍ଷତିର ଇନ୍‌ପୁଟ ସବସିଡ୍ ବର୍ଷ ବର୍ଷ ଧରି ଦେଲେ ନାହିଁ ଏବଂ ଠିକ୍ ପଦ୍ମପୁର ଉପନିର୍ବାଚନର ତାରିଖ ଘୋଷଣା ହେବାପରେ ନବୀନ



ସରକାର ୨୦୦ କୋଟି ଟଙ୍କାର ଇନପୁଟ ସବସିଡି ଘୋଷଣା କରିବା ଏହା ତାଙ୍କର କୃଷକମାନଙ୍କ ପ୍ରତି କେତେ ଦରଦ ଓ ସହାନୁଭୂତି ଅଛି ତାହା ସ୍ୱଷ୍ଟ ଅନୁମେୟ। ପଦ୍ମପୁରର କୃଷକମାନେ ଦୀର୍ଘ ୧୪ମାସ ଧରି ତାଙ୍କର କ୍ଷୟକ୍ଷତିର ଭରଣା ପାଇଁ ଏବଂ ପ୍ରାପ୍ୟ ବୀମା ରାଶି ପାଇବାପାଇଁ ଆନ୍ଦୋଳନ ଜାରି ରଖିଛନ୍ତି ଏ କଥାକୁ ରାଜ୍ୟ ସରକାର ଭଲଭାବରେ ଜାଣିଛନ୍ତି। କିନ୍ତୁ ପଦ୍ମପୁରର କୃଷକମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ କେବେ ତତ୍ପରତା ଦେଖେଇଲେ ନାହିଁ। ଅନୁରୂପ ଭାବରେ କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟର କୃଷକମାନେ ବୀମା ରାଶି ଭରଣ କରିଥିଲେ। କିନ୍ତୁ ୨୦୨୧ ମସିହା ଖରିଫ ସିଜନ୍‌ରେ କୃଷକମାନଙ୍କର ଯେଉଁ କ୍ଷୟକ୍ଷତି ଘଟିଲା ସେ କ୍ଷୟକ୍ଷତିକୁ ବୀମା କମ୍ପାନୀମାନେ ଭରଣା କରିବା ପରିବର୍ତେ ବୀମା ଦାବିକୁ ଅଗ୍ରାହ୍ୟ କରିଦେଲେ। କୃଷକମାନେ ବୀମା କମ୍ପାନୀର ଏହି ଅନ୍ୟାୟ ବିରୋଧରେ ୧୪ମାସ ଧରି ଆନ୍ଦୋଳନ କରି ଆସୁଛନ୍ତି। ରାଜ୍ୟରୁ ତିନି ତିନି ଜଣ ଟାଣୁଆ କେନ୍ଦ୍ରମନ୍ତ୍ରୀ ଅଛନ୍ତି ଏବଂ ବହୁ ସାଂସଦ ମଧ ଅଛନ୍ତି କିନ୍ତୁ କେବେହେଲେ ଏ କଥାକୁ ନେଇ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପାଖରେ ଦାବୀ ଉପସ୍ଥାପନ କରାଗଲା ନାହିଁ ଏବଂ କୃଷକମାନଙ୍କୁ ବୀମାରାଶି ମିଳିଲା ନାହିଁ। ବରଗଡ଼ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି। ଯଦି ପ୍ରକୃତରେ ବିଜେଡ଼ି ଓ ବିଜେପି କୃଷକମାନଙ୍କର ସମସ୍ୟାପାଇଁ ସାମାନ୍ୟ ଭାବରେ ଚିଂତିତ ଥା’ନ୍ତେ ତାହାହେଲେ ୧୪ ମାସ ଆନ୍ଦୋଳନ ହୋଇନଥାନ୍ତା। ବର୍ଷକୁ ବର୍ଷ ଧାନ କିଣିବାର ଚାଷୀମାନଙ୍କର କୋଟା କମି କମି ଯାଉଛି। ଏ ବାବଦରେ ଥରୁଟିଏ ଉଭୟ ଦଳ ପ୍ରତିବାଦ କରୁନାହାଁନ୍ତି। ଧାନ ପ୍ରତିବର୍ଷ ଓଡ଼ିଶାରୁ କେତେ କିଣାଯିବ ତାହା କେନ୍ଦ୍ର ସରକାର ସ୍ଥିର କରୁଛନ୍ତି। ଧାନର ଉତ୍ପାଦନ ବର୍ଷକୁ ବର୍ଷ ବଢୁଛି କିଂନ୍ତୁ କୃଷକମାନଙ୍କ ପାଖରୁ ସମସ୍ତ ଧାନ କିଣିବା ପରିବର୍ତେ ମାତ୍ର ନିର୍ଦ୍ଧାରିତ କ୍ୱିଂଟାଲ କିଣାଯାଉଛି। ଫଳରେ କୃଷକମାନେ ଉପଯୁକ୍ତ ପ୍ରାପ୍ୟ ପାଉନାହାଁନ୍ତି ଏକଥା ତ ଉଭୟଙ୍କୁ ଜଣା। ଏଠି ଉଭୟ ଦଳ କୃଷକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ କହିଛନ୍ତି। ସାମ୍ବାଦିକ ମାନଙ୍କୁ ସମ୍ବୋଦ୍ଧିତ କରି କହିଲେଯେ ଉଭୟ ଦଳ ପଦ୍ମପୁର ଉପନିର୍ବାଚନରେ ଭୋଟ ହାତେଇବା କୃଷକମାନଙ୍କୁ ଭୂଆଁ ବୁଲାଉଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୮୭ ଭାଗ ଭୋଟର ହେଉଛନ୍ତି କୃଷକ। ଏପଟେ ରାଜ୍ୟରେ କଳି କିଂନ୍ତୁ ଗୁଜୁରାଟ ନିର୍ବାଚନରେ କୋଳାକୋଳି। ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋଦୟ କହିବେକି, କାହିଁକି ଓଡ଼ିଶାର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀକାଂ ସାହୁଙ୍କୁ ଗତ ୧୬ ତାରିଖରୁ ଆସଂ। ୨୪ ତାରିଖ ପର୍ଯ୍ୟଂ ଗୁଜୁରାଟକୁ ପଠାଇଛନ୍ତି। ମନ୍ତ୍ରୀ ମହୋଦୟ ଗୁଜୁରାଟରେ ଆପଣଙ୍କ ସହଯୋଗୀ ବିଜେପି ପାଇଁ ସେଠି ଭୋଟ ପ୍ରଚାର କରୁଛନ୍ତି ବୋଲି ବିଶେଷ ସୁତ୍ରରୁ ଜଣାପଡ଼ିଛି। ଆପଣଙ୍କ ଜିଲ୍ଲାରୁ ଲକ୍ଷ ଲକ୍ଷ ଲୋକ ଗୁଜୁରାଟର ସୁରଟରେ ସୂତାକଳରେ ଦାଦନ ଖଟୁଛନ୍ତି। ସେମାନଙ୍କ ଭୋଟକୁ ବିଜେପି ଦଳ ପାଇଁ ହାତେଇବା ପାଇଁ ପ୍ରଚାର କରୁଛନ୍ତି କି ? ତେଣୁ ଆପଣ ଏ କଥାକୁ ଜନସାଧାରଣଙ୍କ ସମ୍ମୁଖରେ ସ୍ୱଷ୍ଟ କରନ୍ତୁ। ତେଣୁ ଦୁଇଦଳ ଏଠାରେ ମିଛରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେଡ଼ି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଶ୍ରୀ କାନୁନଗୋ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଛନ୍ତି ଯେ ଅତିଶୀଘ୍ର କୃଷକମାନଙ୍କ ଖାତାକୁ ଇନ୍‌ପୁଟ ସବସିଡ୍ ଓ କ୍ଷୟକ୍ଷତି ଜନିତ ବୀମାରାଶି ତୁରଂ ପଠାଇବା ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟସରକାର ଘୋଷଣା କରନ୍ତୁ। ପୂର୍ବରୁ ଏଭଳି ବହୁବାର ନିର୍ବାଚନ ସମୟରେ ଲୋକଙ୍କୁ ଭେଳିକି ଦେଖାଇ ଠକିଛନ୍ତି। ଏଥର ବି ସେଇଚାଲ। ଯଦି ଅତିଶୀଘ୍ର କୃଷକମାନଙ୍କ ଅର୍ଥ ନମିଳେ ତାହାହେଲ କଂଗ୍ରେସ ଦଳ କୃଷକ ଆନ୍ଦୋଳନକୁ ଦୁର୍ବାର କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ପ୍ରଦେଶ କିଷାନ ସେଲର ଅଧକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ପକ୍ଷରୁ ସାଧାରଣ ବୈଠକ



ଦର୍ପଣ (ପି.ଏନ): ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ଆନୁକୁଲ୍ୟରେ ନରସିଂହପୁରଠାରେ ସାଧାରଣ ବୈଠକ ସଭାପତି ଶେଷଦେବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଯାଜପୁର ଆରକ୍ଷୀ ଅଧିକ୍ଷକ ରାହୁଳ ପି.ଆର, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ଥାନା ଆରକ୍ଷୀ ନିରିକ୍ଷକ ରାକେଶ ତ୍ରିପାଠୀ , ଆଂଚଳିକ ବରିଷ୍ଠ ନାଗରିକ ମଂଚ ସାଧାରଣ ସମ୍ପାଦକ ହେମନ୍ତ କୁମାର ସାମଲ, କୋଷାଧକ୍ଷ ଚିତରଂଜନ ମହାପାତ୍ର, ଉପସଭାପତି କ୍ଷୀରୋଦ ମାହାଲା, ପଣ୍ଡିତ ବିଜୟ କୁମାର କର, ଲକ୍ଷ୍ମୀଧର ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। ଯାଜପୁର ଏସ.ପିଙ୍କୁ ବିରିଷ୍ଠ ନାଗରିକ ମଂଚର କାର୍ଯ୍ୟକର୍ତାମାନେ ସଭାମଂଚକୁ ପାଛୋଟି ଆଣି ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବରିଷ୍ଠ ନାଗକରୀକମାନେ ଏଟି.ଏମ୍‌ରୁ ଟଙ୍କା ଉଠାଇବାକୁ ଯିବା ସମୟରେ ସାଇବର ଠକ ହାବୁଡ଼ରେ ପଡ଼ି ଏଟି.ଏମ୍‌ରୁ ଉଠାଇବା ଟଙ୍କା ଆଣିବା ପରେ ସାଇବର ଠକମାନେ ଅନ୍ୟ ସମସ୍ତ ଟଙ୍କାକୁ ଉଠାଇନେଇଯାଉଛନ୍ତି। ଯେଉଁଥିରେ ବରିଷ୍ଠ ନାଗରିକମାନେ ବଡ଼ ଅସୁବିଧାରେ ପଡୁଛନ୍ତି। ସାଇବର ଠକମାନେ ବ୍ୟାଙ୍କ ଜମାକାରୀଙ୍କୁ ମିଥ୍ୟା ଟେଲିଫୋନ୍ କରି ବ୍ୟାଙ୍କ ଅଫିସର କହୁଛି କହି ସେମାନଙ୍କ ଠାରୁ ବ୍ୟାଙ୍କ ଆକାଉଂଟ ନମ୍ବର, ଆଧାର ନମ୍ବର ଓ ଆଧାର ସହିତ ଫୋନ୍ ନମ୍ବର ଲିଙ୍କ ଅଛି ନା କଣ ପଚାରୁ ବ୍ୟାଙ୍କର ସେହି ଆକାଉଂଟରୁ ହରିଲୁଟ୍ କରିଚାଲିଛନ୍ତି। ସେଥିପାଇଁ ବରିଷ୍ଠ ନାଗରିକମାନେ ସାଇବର ଠକ ହାବୁଡ଼ରେ ନପଡ଼ିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଯେଉଁ ନିୟମ ଲାଗୁ କରିଛନ୍ତି ସେ ନିୟମକୁ ସମସ୍ତ ପୋଲିସ ଅଧିକାରୀମାନେ ପାଳନ କରିବେ ବୋଲି ଏସ.ପି. ଶ୍ରୀ ରାହୁଲ ସମସ୍ତ ବରିଷ୍ଠ ନାଗରୀକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥି ଧର୍ମଶାଳା ଥାନାଧିକାରୀ ୮୦ବର୍ଷର ଉର୍ଦ୍ଧ ୬ଜଣ ବରିଷ୍ଠ ନାଗରୀକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚଣ୍ଡିଖୋଲକୁ ସବ୍‌ଡ଼ିଭିଜନର ମାନ୍ୟତା ଦେବା ପାଇଁ ସରକାରଙ୍କ ନିକଟରେ ବରିଷ୍ଠ ନାଗରୀକ ମଂଚ ପକ୍ଷରୁ ଦୃଢ ଦାବୀ କରାଯାଇଅଛି। ଅନ୍ୟମାନଙ୍କ ମଧରେ ବ୍ରହ୍ମାନନ୍ଦ ଦାସ, ଶିବରାମ ସାହୁ, ପୂର୍ବତନ ପଂଚାୟତ ସମିତି ଅଧକ୍ଷ ନାରାୟଣ ଚନ୍ଦ୍ର ସାହୁ, ଜିଲ୍ଲା କ୍ରସର ମହାସଂଘ ସଭାପତି ଚନ୍ଦନ କୁମାର ନାୟକ, ଉପଦେଷ୍ଟା ଦୁଃଖିଶ୍ୟାମ ସାହୁ, ସନ୍ତୋଷ ବିଶ୍ୱାଳ, କ୍ରୀର୍ତନ ବେହେରା, ସେକ୍ କରାମତ୍ ଅଲ୍ଲୀ, ଯୋଗେନ୍ଦ୍ର ରାଉତ, ଅନନ୍ତ ଚରଣ ରାଉତ, ଇଶ୍ୱର ସାମଲ, କୃଷ୍ଣ ଚନ୍ଦ୍ର ଜେନା, ପୁର୍ଣ୍ଣଚନ୍ଦ୍ର ସାହାଣୀ, ନୃସିଂହ ସାମଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ନରସିଂହପୁର ଗ୍ରାମର ଅଧିବାସୀ ଓ ଯୁବକ ସଂଘର ସମସ୍ତ ଛାତ୍ର ଓ ଯୁବକମାନେ ଉତ୍ସବକୁ ସମ୍ପୁର୍ଣ୍ଣ ଭାବେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଖୀରୋଦ ମାହାଲା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ଜିଲ୍ଲାପାଳଙ୍କ ସହ ଓଜେୟୁର ସାକ୍ଷାତ ଆଲୋଚନା



ସମ୍ବଲପୁର (ପିଏନ୍): ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହିତ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର କର୍ମକର୍ତ୍ତାଙ୍କ ଗତ ଗୁରୁବାର ଏକ ଅନ୍ୟୋପଚାରିକ ସାକ୍ଷାତ ଆଲୋଚନା ହୋଇଥିଲା। ସଂଘର ସଦସ୍ୟଙ୍କ ପୁରୀ ଗସ୍ତ ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଏହି ଆଲୋଚନାରେ ସମର୍ଥ ବର୍ମା ତାଙ୍କ ସମ୍ବଲପୁର ଜିଲ୍ଲାପାଳ ଥିବା ସମୟରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସାମ୍ବାଦିକଙ୍କ ସହିତ ଆଲୋଚନା କରିଥିଲେ। ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ସାହୁ, ରାଜ୍ୟ ଉପ ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ସଦସ୍ୟ ସାଧବ ପ୍ରଧାନ, ସନ୍ତୋଷ ସାହୁ, ସଞ୍ଜୟ ପାଗଡ଼, ପ୍ରଦୀପ ନାୟକ, ରବୀନ୍ଦ୍ର ପ୍ରଧାନ, ଦେବାଶିଷ ବେହେରା, ଆଦି ନନ୍ଦ, ମାନସ ସାହୁ, ସନ୍ଦୀପ ଶର୍ମାଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୁଧାଂଶୁ ଶେଖର ମହାରଣା ସାମିଲ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପୁରୀ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କୁ ପୁଷ୍ପଗୁଚ୍ଛ, ସ୍ମୃତି ଫଳକ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଡିଏ କଲୋନୀରେ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଖୋର୍ଦ୍ଧା (ପିଏନ୍): ରବିବାର କାର୍ତିକ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ନଗର ବିଡିଏ କଲୋନୀ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଉନବିଂଶତମ ବାର୍ଷିକ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖରପୁର ଗାୟତ୍ରୀ ଶକ୍ତିପୀଠର ସକ୍ରିୟ କାର୍ଯ୍ୟକର୍ତ୍ତା ନବଘନ ଶତପଥୀ ପ୍ରବଚକ ଭାବେ ଯୋଗଦେଇ ଯଜ୍ଞର ପୁଣ୍ୟଫଳ ସଂପର୍କରେ ବ୍ୟାଖ୍ୟା କରିଥିଲେ। ମନୁଷ୍ୟ ମନ୍ଦ ପ୍ରବୃତ୍ତି ଛାଡ଼ି ଭଲ ପ୍ରବୃତ୍ତି ଗ୍ରହଣ କରିବା ପାଇଁ ଗାୟତ୍ରୀ ଯଜ୍ଞ ପ୍ରେରିତ କରିଥାଏ। ମା’ ଗାୟତ୍ରୀ ହେଲେ ବେଦମାତା। ତାଙ୍କର ଆରାଧନା ସକାରାତ୍ମକ ବାତାବରଣ ସୃଷ୍ଟି କରେ ବୋଲି ଶ୍ରୀ ଶତପଥୀ କହିଥିଲେ। ଅନ୍ୟତମ ପ୍ରବଚିକା ଆରାଧନା ଶତପଥୀ ଓ ଉପାସନା ଶତପଥୀ ପ୍ରବଚନ, ଗଳ୍ପ ଓ ସଂଗୀତ ମାଧ୍ୟମରେ ଆଧ୍ୟାତ୍ମିକତା ଓ ବିଜ୍ଞାନ ସଂପର୍କରେ ବ୍ୟାଖ୍ୟା କରିଥିଲେ। କଳିଯୁଗର କଳୁଷିତ ବାତାବରଣକୁ ଦୂର କରିବାରେ ମହିଳା ଓ ଯୁବପିଢି ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ସେମାନେ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ବିଧାୟକ ଜିତୁ ମିତ୍ରଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଏହି ମହାଯଜ୍ଞରେ ଉପସ୍ଥିତ ରହିଥିଲେ। ପୂର୍ଣ୍ଣାହୂତି ସମୟରେ ଯଜ୍ଞସ୍ଥଳ ଲୋକାରଣ୍ୟ ହୋଇଯାଇଥିଲା। ଏହି ଅବସରରେ ଗାୟତ୍ରୀ ସତ୍ ସାହିତ୍ୟର ପ୍ରଦର୍ଶନ କରାଯାଇଥିଲା। ଏହାପରେ ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ମହାଯଜ୍ଞରେ ଶକ୍ତିପୀଠର ମୁଖ୍ୟ ପୁରୋଧା ଇଂ. ପ୍ରମୋଦ କୁମାର ପୃଷ୍ଟି, ଉଲ୍ଲାସ ପୃଷ୍ଟି, ରବୀନ୍ଦ୍ର କୁମାର ପଟ୍ଟନାୟକ, ବୈକୁଣ୍ଠ ସାହୁ, ଡ. ଗୌରୀଶଂକର ପ୍ରହରାଜ, ବିଦ୍ୟାଧର ରାଉତ, ସତ୍ୟବାଦୀ ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଜୟନ୍ତ ମିଶ୍ର, ଶତ୍ରୁଘ୍ନ ବିଷୋୟୀ, ପ୍ରହଲ୍ଲାଦ ବାରିକ, ପ୍ରଦ୍ୟୁମ୍ନ ନାଟୁଆ, ସେବତୀ ଭୂୟାଁ, ବିପ୍ରଚରଣ ବେଉରା, ଗୌରାଂଗ ଚରଣ ମଣ୍ଡଳ, ପ୍ରମୋଦ କୁମାର ସାହୁ, ଦେବରାଜ ଜେନା, ସମରେନ୍ଦ୍ର ବଳିଆରସିଂହ ତଥା ଗାୟତ୍ରୀ ପରିବାର ଓ ପତଂଜଳି ଯୋଗପୀଠର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୁରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ମର୍ମରେ ରାଜ୍ୟ ଉପଭୋକ୍ତା ଅଧକ୍ଷ ବଂଶୀଧର ଆଚାର୍ଯ୍ୟ କିପରି ଜଣେ ସାଧାରଣ ଉପଭୋକ୍ତା ଖାଦ୍ୟ ଦୂଷିତ କରଣ, ମାପ ଠକାମୀ ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଏଥିରୁ ନିସ୍ତାର ପାଇବା ପାଇଁ ଉପଭୋକ୍ତାମାନଙ୍କୁ ସଚେତନତା କରିବା ସହିତ ଶିକ୍ଷିତ କରିବା ଏବଂ ଅଧିକାରୀମାନଙ୍କୁ ନେଇ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ତଦାରଖ କରିବାର ବ୍ୟବସ୍ଥା ରଖିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହି ଆଲୋଚନାରେ ଖାଉଟି ସୁରକ୍ଷା ପରିଷଦ ସଦସ୍ୟ ଜୟଦେବ ସିଂ ପେଟ୍ରୋଲ ପମ୍ପରେ ଆବଶ୍ୟକୀୟ ବ୍ୟବସ୍ଥାର ବିଚ୍ୟୁତି, ରାସ୍ତାରେ ଯାଉଥିବା ତେଲ ଗାଡିରେ ତେଲ ଚୋରି ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗରଦପୁର ଅଧକ୍ଷ ଜେନେରିକ ଔଷଧର ପ୍ରକୃତ ମୂଲ୍ୟ ଏବଂ ମଦରେ ଦିଆଯାଉନଥିବା ରସିଦ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅନ୍ୟ ଉପସ୍ଥିତ ସଦସ୍ୟମାନେ ଆଲୋଚନାରେ ଭାଗନେଇ ଖାଉଟି ସୁରକ୍ଷା ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ଦେବା ସହ କିପରି ଜିଲ୍ଲା, ରାଜ୍ୟ ଏବଂ କେନ୍ଦ୍ରରେ ଥିବା କମିଶନ ପରି ସଂସ୍ଥା ପଞ୍ଚାୟତ ଓ ବ୍ଲକ ସ୍ତରରେ ପ୍ରଚଳନ ହୋଇପାରିବ ଏବଂ ଜଣେ ସାଧାରଣ ଖାଉଟି ଯେପରି ଜିଲ୍ଲା ପର୍ଯ୍ୟନ୍ତ ନଯାଇ ତୃଣମୂଳ ସ୍ତରରେ ଏହାର ସଦୁପୋଯୋଗ କରିପାରିବ ତାହାର ସୁବ୍ୟବସ୍ଥା କରିବା ପାଇଁ ମତ ରଖିଥିଲେ। ରାଜ୍ୟରୁ ଆସିଥିବା ଯୁଗ୍ମ ସଚିବ ପ୍ରକାଶ କରିଥିଲେ ଯେ ଖାଉଟି ସୁରକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ଆବଶ୍ୟକୀୟ ଅର୍ଥ ସିକା ପକ୍ଷରୁ ଖୁବ ଶୀଘ୍ର ଯୋଗାଇ ଦିଆଯିବ। ଖାଦ୍ୟ ସୁରକ୍ଷା ଅଧିକାରୀ, ଉପଭୋକ୍ତାମାନେ କିପରି ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ପାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବଜାର ନିୟନ୍ତ୍ରକ ଅଧିକାରୀ କଟକ ଜିଲ୍ଲାରେ ବିଭିନ୍ନ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରି ଅସାଧୁ ଉପାୟରେ ଖାଦ୍ୟ ମହଜୁଦ କରି ଦରଦାମ ବୃଦ୍ଧି ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ। ଏହି ବୈଠକରେ ଉପସ୍ଥିତ ଥିବା ଖାଉଟି ଓ ଅନ୍ୟ ସଦସ୍ୟମାନଙ୍କ ପ୍ରଶ୍ନର ଉତ୍ତର ଗୁଡିକୁ ଜିଲ୍ଲା ଓ ରାଜ୍ୟର ଅଧିକାରୀମାନେ ସୁନ୍ଦର ଓ ସରଳ ଭାବରେ ପ୍ରଦାନ କରିଥିଲେ। ଏହି ମର୍ମରେ ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ କଥାକୁ ତର୍ଜମା କରି କିପରି ଜଣେ ଖାଉଟି ଭବିଷ୍ୟତରେ ଠକାମୀର ଶିକାର ନହେବ ଏବଂ ସଠିକ ପରିମାଣ ଓ ମାନର ଖାଦ୍ୟ ଖାଇ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ବେସାମରିକ ଯୋଗାଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ ଦର୍ପଣ



## କାହାଣୀ ଏକ ବର୍ଷା ରାତିର



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଲଗାତାର ତିନି ଦିନ ହେଲା ଝଡି ବର୍ଷା ଲାଗି ରହିଛି । ବର୍ଷା ଦିନେ ସହର ତଳି ବସ୍ତି ମାନଙ୍କର ଦୃଶ୍ୟ କଳ୍ପନା ବାହାରେ। ଉପରୁ ଛାତ ଗଳୁଥିବ ତ ଘର ଭିତରେ ନାଳ ନର୍ଦ୍ଦମା ପାଣିର ସୁଅ ଛୁଟୁଥିବ। ସେଥିପାଇଁ ଗରମ ର ଯେତେ ପ୍ରକୋପ ହେଲେ ମଧ୍ୟ ବସ୍ତି ବାସିନ୍ଦା ବର୍ଷା ଦିନର ଶୀତଳ ପରଶ କୁ ଅନୁଭବ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି । ଥିଲାବାଲା ଙ୍କ ପରି ଅଭାବୀ ମାନଙ୍କୁ ବର୍ଷା ରୋମାଞ୍ଚିତ କି ଆନମନା କରେ ନାହିଁ । ବର୍ଷାଋତୁ ରେ ରହିବା ଅସୁବିଧା ସହିତ ରୋଜଗାର ର ଅଭାବ ବେଡ଼ି ଉପରେ କୋରଡ଼ା ଭଳି ଗରିବ ର ପେଟ ଉପରେ ପଡ଼ ? । ଗତ ତିନି ଦିନ ହେଲା ସେଜଲ୍ ବାହାରକୁ ଯିବା ସମ୍ଭବ ହୋଇନି । ଘରେ ଚୁଲି ଜଳିବା ପାଇଁ ତାକୁ ବାହାରକୁ ଯିବାକୁ ହେବ । ଦୁଇ ବର୍ଷ ହେଲା ତାର ବାପା ମାଆ ଦୁଇଟି ଛୋଟ ଭାଇ ଭଉଣୀ ଙ୍କ ଦାୟିତ୍ୱ ତା ମୁଣ୍ଡରେ ଲଦି ଦେଇ ଆରପାରିକୁ ଚାଲିଗଲେଣି । ସେ ଦୁହିଁଙ୍କର ଭରଣ ପୋଷଣ ତଥା ନିଜ ମୁଣ୍ଡ ଉପରେ ଛାତ ଟିଏ ସବୁଦିନେ ଥାଉ, ସେଥିପାଇଁ ନିଜ ଅନିଚ୍ଛା ସତ୍ତ୍ୱେ ତାକୁ ଯିବାକୁ ହୁଏ ପ୍ରତି ରାତିରେ ଗ୍ରାହକଙ୍କୁ ଖୁସି କରିବା ପାଇଁ । ତର ତର ହୋଇ ସେଜଲ୍ ବସ୍ତିରେ ରହୁଥିବା ତା ଚିହ୍ନା ଅଟୋବାଲା କୁ ଡାକି ତା ଦୁଆର ମୁହଁରେ ରୁହାହେଇଥିବା ଅଟୋ ରେ ବସିପଡ଼ିଲା । ବାହାରେ ନିରମ୍ ବର୍ଷା ! ସତେ ଯେପରି କେତେଦିନର ପୁରୁଣା ରାଗ ସୁଝାଉଛି । ମଝି ମଝିରେ ଘଡ଼ଘଡ଼ି ଶବ୍ଦ ସହିତ ବିଜୁଳିର ଚମକ୍ ରେ ତା ଦେହ ଥରି ଉଠୁଛି । ତେଣେ ଗ୍ରାହକ ଅପେ।। କରିଥିବେ । ଏଇଟା ତା ନିତିଦିନିଆ କାମ । ରାତିହେଲେ ଘରୁ ବାହାରିଯାଏ, ଫେରେ ସକାଳ ହେଲେ । କେତେ ଯେ ଗ୍ରାହକଙ୍କ ରାତିର ରାଣୀ ସାଜି, ସକାଳୁ ମଉଳା ଫୁଲ ପରି ନିଜ ଛୁଟିକିଆ ଘରକୁ ଫେରିଆସେ । ହେଲେ ଘରକୁ ଆସି ତାର ଭାଇ ଭଉଣୀଙ୍କ ଶାନ୍ତିରେ ଶୋଇଥିବା ନିରୀହ ମୁହଁ ଯୋଡିକ ଦେଖିଲେ ବିତିଯାଇଥିବା ରାତିର ସବୁ ଅପମାନ, ବର୍ବରତା ନିମିଷକେ ପାଣି ଫୋଟକା ଭଳି ଅଦୃଶ୍ୟ ହୋଇଯାଏ । ସେମାନଙ୍କ ଆଗାମୀ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖେ ସେଜଲ୍ । ନିଜ ବର୍ତ୍ତମାନର ସମାଧି ଉପରେ ଦୁହିଁଙ୍କ ଭବିଷ୍ୟତର ସୌଧ ନିର୍ମାଣ ପାଇଁ ତା ଆଶାୟୀ ଆଖିରେ କେତେ ସମ୍ଭାବନା ! ମାତ୍ର ପ୍ରତି ଟି ରାତିର ମୂକସା।ୀ ସାଜି ସବୁ ଦେଖେ ଅଟୋ ଚାଳକ ଟି ।

ସେଦିନ ରାତିରେ ବାହାରିବା ବେଳେ ହଠାତ୍ ଧସେଇ ପଶି ଆସି ତା ପାଖରେ ବସି ପଡିଲା ଅଟୋ ଚାଳକ ପିଲାଟି । ସେଜଲ୍ କିଛି ବୁଝିବା ଓ କହିବା ପୂର୍ବରୁ ତା ପାଟିରେ ହାତରଖି ତାକୁ କିଛି ବି କହିବାକୁ ମନା କଲା । ଅଟୋ ଚାଳକର ଏପରି ବ୍ୟବହାର ତାକୁ ଆଶ୍ଚର୍ଯ୍ୟ କଲା, ହେଲେ ପରବର୍ତ୍ତୀ ସମୟରେ ତା ଆଖିରେ ସଙ୍କୋଚ ର ଲେଶ ମାତ୍ର ନ ଥାଏ । କେଜାଣି କାହିଁକି ଜୋର୍ କରି ତା ହାତକୁ ବାହର କରି ପାରିଲା ନାହିଁ ସେ । ସେଜଲ୍ ର ନିରବ ସମର୍ଥନ ପାଇ ପିଲାଟି ଭିତରେ ସାହସ ଦାନା ବାନ୍ଧିଲା । ଆଜି ପରଠୁ ସେ ଆଉ କେଉଁ ଗ୍ରାହକ ପାଖକୁ ଯିବାର ଆବଶ୍ୟକତା ନାହିଁ ବୋଲି ତାକୁ ଆଶ୍ୱାସନା ଦେଲା ପିଲାଟି । ଦୃଢତା ଓ ଆପଣାପଣ ସହିତ ପିଲାଟିର ମୁହଁରୁ ବାହାରିଥିବା ସେହି ଧାଡିଏ କଥା ସେଜଲ୍ ମନରେ ପ୍ରେମ ର ଇନ୍ଦ୍ରଧନୁ ଟିଏ ସୃଷ୍ଟି କରିଦେଲା । ସେହି ଇନ୍ଦ୍ରଧନୁ ର ପ୍ରଭାବ ରେ ତାର ମୁଖମଣ୍ଡଳ ର ଆଭା କେଇ ଗୁଣା ବୃଦ୍ଧି ପାଇଗଲା । ସମ୍ମୋହିନୀ ବର୍ଷା ବି ତାଳ ଦେଇ ବର୍ଷି ଚାଲିଥାଏ ସେମାନଙ୍କ ସ୍ୱର୍ଗୀୟ ପ୍ରେମ କୁ ସ୍ୱାଗତ ଜଣାଇବା ସକାଶେ ।

ପିଲାଟି ଆଖିରେ ନିଜ ପ୍ରତି ପ୍ରେମ ଓ ସମ୍ମାନ ଦେଖି ସଙ୍କୋଚରେ ମୁହଁ ତଳକୁ କରିନେଲା ସେଜଲ୍ । ଲାଜରେ ସେଇଠି ହିଁ ମରି ଯିବାକୁ ଇଚ୍ଛା ହଉଥାଏ ତାର । ତାର ପ୍ରସାଧନ ସୁଦ୍ଧା ତା ମନର ଗ୍ଲାନି କୁ ମୁହଁରେ ପ୍ରତିଫଳିତ ହେବାରୁ ରୋକି ପାରି ନ ଥିଲା । ସହସା ତା ରୂପ ଲାବଣ୍ୟ କୁ ଘାରି ବସିଲା ଆତ୍ମଗ୍ଲାନି, କ୍ରୁର ଉଦାସୀନତା ଓ ଅବଶୋଷ ।

ଯେତେ ଶୀଘ୍ର ସମ୍ଭବ ପଛକଥା ସବୁ ଭୁଲିଯାଇ ଏକ ନୂଆ ଜୀବନ ଗଢିବାର ପ୍ରତିଶ୍ରୁତି ମାଗୁଥାଏ ପିଲାଟି । କେବଳ ସେଜଲ୍ ନୁହେଁ ତା ଭାଇ ଭଉଣୀଙ୍କ ଦାୟିତ୍ୱ ମଧ୍ୟ ଆଜି ପରଠୁ ସେ ନେବା ପାଇଁ ରାଜି ବୋଲି ଜାଣିବା ପରେ ଅଟୋବାଲା ପାଇଁ ତାର ସମ୍ମାନ ଏବଂ ବିଶ୍ୱାସ ଆହୁରି ବଳବତ୍ତର ହେଲା । ସବୁ ସତ୍ୟତା ଜାଣିବା ସତ୍ତ୍ୱେ ଯେ ପିଲାଟି ତାକୁ ସ୍ୱୀକାର କରୁଛି, ତାହା ସେଜଲ୍ ପାଇଁ ସବୁଠାରୁ ବଡ଼ ଆଶୀର୍ବାଦ ଥିଲା । ଆଗାମୀ କାଲି ପାଇଁ ଅସୁମାରୀ ସ୍ୱପ୍ନ ଓ ଆଶାରେ ସେଜଲ୍ ର ଆଖି ଦ୍ୱୟ ସଜଳ ହୋଇଗଲା । ପ୍ରେମ ଓ ସ୍ନେହ ବେଳେବେଳେ କୁପଥଗାମୀ ମଣିଷଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣିଦିଏ । ସ୍ନେହର ଟିକେ ଆଉଁଶା ପାଇଲେ ଗଳଗଳ ହୋଇ ବୋହିଯାଏ ଆଖିର ଲୁହ, ହୃଦୟର କୋହ । ଅଟୋ ଚାଳକ ର କାନ୍ଧରେ ମୁଣ୍ଡ ରଖି ନିଜର ସମ୍ମତି ଜଣାଇଲା ସେ ।

ଅତୀତର କିଛି ସତ୍ୟକୁ ପିଲାଟି ଆଗରେ ଉପସ୍ଥାପନ କରି ଖୁବ ସହଜ ମନେ କରୁଥାଏ ସେଜଲ୍ । ଯା ଭିତରେ ସେ ଯେମିତି ନିରୀହ ଝରଣା ଟିଏ ପାଲଟି ଯାଇଥିଲା । ତା ମନରୁ ଗ୍ଲାନି ତକ ସ୍ମିତ ହସ ହୋଇ ଝରିଆସିବାକୁ ଲାଗିଲା । ନିଜ ଭିତରେ ଅମାପ ସକାରାତ୍ମକ ସମ୍ଭାବନା ର ସଳିତା ଟିଏ ତେଜି ଉଠିବାର ଅନୁଭବ ହେଉଥିଲା ତାକୁ । ଜୀବନ ସଂଘର୍ଷରେ ଏମିତି ସାଥୀ ଟିଏ ଥିଲେ, ଅନାୟାସରେ ସେ ଲଢ଼ିଯାଇପାରିବ, ସେହି ଭରସା ତାର ବେଳକୁ ବେଳ ଆହୁରି ଦୃଢ଼ୀଭୂତ ହେଉଥାଏ ।

ଏତେ ଦିନଯାଏଁ ତା ଜୀବନରେ ଚାଲିଥିବା ଝଡ଼ର ଆଜି ଅବସାନ ଘଟିଥିଲା । ସେଜଲ୍ ର ନୂଆ ଜୀବନ ଯାତ୍ରା ଆରମ୍ଭ ର ସା।ୀ ଦେବାପାଇଁ ସେଦିନ ଆଉ କେହି ନ ଥିଲେ ବି ସେହି ବର୍ଷଣ ମୁଖର ରାତି ତ ଥିଲା ! ସେଇ ବର୍ଷା ରାତି କୁ ସା।ୀ ରଖୁ ଦୁହେଁ ପରସ୍ପର ପାଇଁ ବଞ୍ଚିବେ ବୋଲି ଦୃଢ଼ମନସ୍କ ହେଲେ । ସେମାନଙ୍କ ଖୁସିରେ ଖୁସି ହୋଇ ଆଶୀର୍ବାଦ କରିବା ପାଇଁ ଧୀରେ ଧୀରେ ଥମି ଆସୁଥିଲା ବାହାର ର ବର୍ଷା ବି !

ଫୋନ - ୬୩୭୦୫୧୬୪୭୮
ଭୁବନେଶ୍ୱର - ୨

## ସାରସ୍ୱତ ସାଧକ



ନିରଞ୍ଜନ ସାହୁ

ସୌମ୍ୟରଞ୍ଜନ ବାବୁ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ । ଯଦିଓ ସିଏ ବିଜ୍ଞାନର ଛାତ୍ର , ତଥାପି ତାଙ୍କର ମାତୃଭାଷା ପ୍ରତି ଅହେତୁକ ଦୁର୍ବଳତା ଯୋଗୁଁ ଓଡ଼ିଆ ଭାଷା ଓ ସାହିତ୍ୟ ଦିଗକୁ ସର୍ବଦା ମନ ବଳେଇଥାନ୍ତି । ସମୟ ସୁବିଧା ପାଇଲେ ଓଡ଼ିଆ ଭାଷାର ବିଭିନ୍ନ ପୁସ୍ତକ , ଗ୍ରନ୍ଥ , ପତ୍ରପତ୍ରିକା ଅଧ୍ୟୟନ କରନ୍ତି । ଏମିତିକି ପ୍ରତି ମାସର ଖର୍ଚ୍ଚ ବଜେଟରେ ସେ ପୁସ୍ତକ ଓ ପତ୍ରପତ୍ରିକା କ୍ରୟ ନିମନ୍ତେ ଅର୍ଥରାଶି ବରାଦ କରନ୍ତି । ବିଭିନ୍ନ ସାହିତ୍ୟିକମାନଙ୍କ ସହିତ ସିଏ ଯୋଗସୂତ୍ର ରକ୍ଷାକରନ୍ତି । ଯେଉଁ ଲେଖାଟି ତାଙ୍କର ପସନ୍ଦ ହୁଏ ତାହାର ସ୍ରଷ୍ଟାଙ୍କ ସହିତ ସେ ସେହି ଲେଖାର ବିଭିନ୍ନ ଦିଗ ଉପରେ ଆଲୋଚନା କରନ୍ତି । ବିଭିନ୍ନ ସାରସ୍ୱତ ସଭା , ପୁସ୍ତକ ମେଳା ଇତ୍ୟାଦିରେ ସେ ଯୋଗଦାନ କରନ୍ତି । ଏମିତିକି ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ କ୍ରୟ ସହିତ ଉପହାର ସ୍ୱରୂପ ମିଳିଥିବା ପୁସ୍ତକକୁ ନେଇ ପାଠାଗାରଟିଏ କରିଛନ୍ତି ସୌମ୍ୟରଞ୍ଜନ ବାବୁ ।

ବିଭିନ୍ନ ସାହିତ୍ୟିକମାନଙ୍କ ସହିତ ପାଠକୀୟ ଭାବ ବିନିମୟ ହେଉହେଉ ବିଭିନ୍ନ ଲେଖକମାନେ ତାଙ୍କୁ ଲେଖାଲେଖି କରିବା ପାଇଁ ଉତ୍ସାହିତ କରନ୍ତି । ସେମାନଙ୍କ ଅନୁରୋଧକୁ ରକ୍ଷାକରି ସେ କଲମ ଚାଳନା ଆରମ୍ଭ କରନ୍ତି । ଛୋଟ ଛୋଟ ପିଲାମାନେ ସ୍କ ?ଟରେ ଅକ୍ଷର ମଡାଉ ମଡାଉ ଯେପରି ଅଭ୍ୟାସବଶତଃ ଅକ୍ଷର ସବୁ ଗୋଲ ହୋଇଯାନ୍ତି , ଠିକ ସେହିପରି କ୍ରମେ କ୍ରମେ ସୌମ୍ୟରଞ୍ଜନ ବାବୁଙ୍କ ଲେଖାର ମାନ କ୍ରମଶଃ ବୃଦ୍ଧିପାଏ । ବିଭିନ୍ନ ସାହିତ୍ୟିକମାନଙ୍କୁ ଓ ସହକର୍ମୀମାନଙ୍କୁ ତାଙ୍କ ଲେଖା ପଢି ଶୁଣାଇ ଅନେକ ପ୍ରଶଂସା ସାଉଣ୍ଟନ୍ତି । ବିଭିନ୍ନ ବନ୍ଧୁ , ଶୁଭେଚ୍ଛୁ ଓ ସାରସ୍ୱତ ସାଧକମାନେ ତାଙ୍କୁ ତାଙ୍କର ଲେଖାଗୁଡିକୁ ବିଭିନ୍ନ ପତ୍ରପତ୍ରିକାକୁ ପଠାଇବା ନିମନ୍ତେ ଅନୁରୋଧ କରନ୍ତି। ସୌମ୍ୟରଞ୍ଜନ ବାବୁ ସମସ୍ତଙ୍କ ଅନୁରୋଧ ରକ୍ଷାକରି ନିଜର ଲେଖାଗୁଡିକୁ ବିଭିନ୍ନ ପତ୍ରପତ୍ରିକାକୁ ପଠାନ୍ତି । କ୍ରମେକ୍ରମେ ତାଙ୍କ ଲେଖାଗୁଡିକ ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନପାଏ । ତାଙ୍କ ଲେଖାର ପ୍ରଶଂସା କରି ତାଙ୍କ ନିକଟକୁ ଅନେକ ଚିଠି ଓ ଫୋନ କଲ ଆସେ । ଏଥିରେ ସେ ଖୁବ ଉତ୍ସାହିତ ହୋଇ ପ୍ରତ୍ୟେକ ଦିନ କାର୍ଯ୍ୟବ୍ୟସ୍ତତାରୁ କିଛି ସମୟ ବାହାର କରି ଲେଖାଲେଖିରେ ମନୋନିବେଶ କରି ନିୟମିତ ବିଭିନ୍ନ ପତ୍ରପତ୍ରିକାକୁ ଲେଖା ପ୍ରେରଣ କରନ୍ତି । ଫଳସ୍ୱରୂପ ତାଙ୍କର ବହୁତ ସଂଖ୍ୟକ ଲେଖା ପ୍ରକାଶ ପାଏ ଓ ସେ ଜଣେ ସାହିତ୍ୟିକ ଭାବେ ପ୍ରତିଷ୍ଠା ଅର୍ଜନ କରନ୍ତି ।

ଧୀରେଧୀରେ ଆଜିକାଲିକା ଯୁଗରେ ମୋବାଇଲରେ ଚାଲୁଥିବା ବିଭିନ୍ନ ସାହିତ୍ୟ ଅନୁଷ୍ଠାନର ହ୍ୱାଟ୍ସଆପ ଗ୍ରୁପର ଆଡ୍‌ମିନମାନେ ସୌମ୍ୟରଞ୍ଜନ ବାବୁଙ୍କ ହ୍ୱାଟ୍ସଆପ ନମ୍ବରକୁ ସେମାନଙ୍କ ତରଫରୁ ସେମାନଙ୍କ ଗ୍ରୁପରେ ସଂଯୋଗ କରିବା ଦ୍ୱାରା ସୌମ୍ୟରଞ୍ଜନ ବାବୁ ତାଙ୍କର ବିଭିନ୍ନ ଲେଖା ଓ ପତ୍ରପତ୍ରିକାରେ ପ୍ରକାଶିତ ଲେଖା ପୋଷ୍ଟ କରନ୍ତି । ବିଭିନ୍ନ ହ୍ୱାଟ୍ସଆପ ଗ୍ରୁପରେ ହେଉଥିବା ପ୍ରତିଯୋଗିତାରେ ଭାଗ ନେଇ ମାନପତ୍ର ପାଆନ୍ତି । କେବେହେଲେ ସେ କୌଣସି ହ୍ୱାଟ୍ସଆପ ସାହିତ୍ୟ ଗ୍ରୁପକୁ ତାଙ୍କ ନମ୍ବରକୁ ସଂଯୋଗ କରିବା ପାଇଁ ଅନୁରୋଧ ନ କଲେ ମଧ୍ୟ ଦିନକୁ ଦିନ ତାଙ୍କୁ ନୂଆନୂଆ ହ୍ୱାଟ୍ସଆପ ଗ୍ରୁପରେ ସଂଯୋଗ କରାଯିବାରୁ ମୋବାଇଲ ହ୍ୟାଙ୍ଗ ହେବା ଅବସ୍ଥାକୁ ଆସିଯାଏ । ଗ୍ରୁପମାନଙ୍କରେ ପାଠକମାନେ ମଧ୍ୟ ତାଙ୍କ ଲେଖାର ଭୁରିଭୁରି ପ୍ରଶଂସା କରିବା ସହିତ ମତାମତ ଦେଉଥିବାରୁ ସେ ଖୁବ ଉତ୍ସାହିତ ହୋଇ ଆଗ ଅପେକ୍ଷା ଅଧିକରୁ ଅଧିକ ଲେଖାଲେଖି ପୋଷ୍ଟ କରନ୍ତି ଓ ବିଭିନ୍ନ ପତ୍ରପତ୍ରିକାରେ ଆଗ ଅପେକ୍ଷା ଅଧିକ ଲେଖା ପଠାଇ ପ୍ରକାଶ ପାଇବାକୁ ଯୋଗ୍ୟ ହୁଅନ୍ତି । ଏହାପରେ ସେ ତାଙ୍କ ପ୍ରକାଶିତ ଲେଖାକୁ ସଂଗ୍ରହ କରି କେତେଖଣ୍ଡ ପୁସ୍ତକ ପ୍ରକାଶ କରି ସାରସ୍ୱତ ମହଲରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତି।

ଏମିତି ଭାବରେ ସୌମ୍ୟରଞ୍ଜନ ବାବୁଙ୍କର ସାରସ୍ୱତ ଜୀବନ ଭଲରେ ଚାଲୁଥାଏ । ମାତ୍ର କିଛିଦିନ ପରେ ସେ ଅନୁଭବ କରନ୍ତି ଯେ ତାଙ୍କର ଏହି ସଫଳତା ଅନେକଙ୍କ ପକ୍ଷରେ ଅସହ୍ୟ ହୋଇ ପଡ଼ିଲାଣି । ଅସହିଷ୍ଣୁ ଗୋଷ୍ଠି ତାଙ୍କର ନିୟମିତ ଲେଖା ପ୍ରକାଶ ପାଇବା , ସେ ବିଭିନ୍ନ ଲେଖା ଫେସବୁକ ଓ ହ୍ୱାଟ୍ସଆପରେ ପୋଷ୍ଟ କରିବା , ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେବା ଆଦି ସହ୍ୟକରି ନପାରି ତାଙ୍କର କୁତ୍ସା ରଟନା କରିବା ଆରମ୍ଭ କରିଦିଅନ୍ତି। କ୍ରମେକ୍ରମେ ତାଙ୍କ ମୋବାଇଲରୁ ବିଭିନ୍ନ ସାରସ୍ୱତ ଗ୍ରୁପ ତାଙ୍କୁ ଡିଲିଟ କରିବା ଆରମ୍ଭ କରିଦିଅନ୍ତି । କେହିକେହି ତାଙ୍କ ମୋବାଇଲ ନମ୍ବରକୁ ଗ୍ରୁପରେ ଏମିତି କରିଦିଅନ୍ତି ଯେ ସେ ମୋବାଇଲରେ ଟାଇପ କରିଥିବା ଲେଖା ଚବିଶ ଘଣ୍ଟା ପରେ ମନକୁ ମନ ଡିଲିଟ ହୋଇଯାଏ । ସୌମ୍ୟରଞ୍ଜନ ବାବୁ ଏସବୁ ହେବାର କାରଣ ସହଜରେ ବୁଝିପାରନ୍ତି ନାହିଁ। ଧୀରେଧୀରେ ବିଭିନ୍ନ ହ୍ୱାଟ୍ସଆପ ସାହିତ୍ୟ ଗ୍ରୁପରୁ ତାଙ୍କୁ ଡିଲିଟ କରାଯାଏ । ଅନ୍ୟଉପାୟ ନ ପାଇ ସୌମ୍ୟରଞ୍ଜନ ବାବୁ ଗଭୀର ମାନସ୍ତାପରେ ରହନ୍ତି ।

ଦିନେ ଗୋଟିଏ ହ୍ୱାଟ୍ସଆପ ସାହିତ୍ୟ ଗ୍ରୁପର ଜୈନିକ ଆଡ୍‌ମିନଙ୍କୁ ତାଙ୍କୁ କାହିଁକି ଗ୍ରୁପରୁ ବାହାର କରାଗଲା ବୋଲି ପ୍ରଶ୍ନ ପଚାରି ସେ ଯେଉଁ ଉତ୍ତର ପାଇଥିଲେ ସେଥିରେ ସେ ହତବମ୍ଭ ହୋଇ ଯାଇଥିଲେ । ଉତ୍ତର ଥିଲା ଏହା ଯେ :-- ' ଆପଣ ଆପଣଙ୍କର ପତ୍ରପତ୍ରିକାରେ ବାହାରୁଥିବା ବହୁତ ଲେଖା ଗ୍ରୁପରେ ପୋଷ୍ଟ କରିବା ସହିତ ଅନ୍ୟାନ୍ୟ ଲେଖା ପୋଷ୍ଟ କରୁଥିବାରୁ ଗ୍ରୁପର ଅନ୍ୟାନ୍ୟ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରୁଥିବାରୁ ଆପଣଙ୍କୁ ଗ୍ରୁପରୁ ଡିଲିଟ କରିବାକୁ ବାଧ୍ୟ ହୋଇଛୁ ।'

ସୌମ୍ୟରଞ୍ଜନ ବାବୁ ଏକାନ୍ତରେ ଭାବୁଥିଲେ । ସେ ତ କେଉଁ ହ୍ୱାଟ୍ସଆପ ସାହିତ୍ୟ ଗ୍ରୁପକୁ ଅନୁରୋଧ କରି ନଥିଲେ ତାଙ୍କୁ ଗ୍ରୁପରେ ସଂଯୋଗ କରିବା ପାଇଁ । ତେବେ ସେ ପ୍ରଥମେ ଲେଖାଗୁଡ଼ିକ ପୋଷ୍ଟ କରିବାବେଳେ ତ ତାଙ୍କୁ ଉଚ୍ଚ ପ୍ରଶଂସା ମିଳୁଥିଲା । ଅଥଚ ଏବେ ତାଙ୍କୁ ଡିଲିଟ କରାଯାଉଛି କାହିଁକି ? ଏହା ବୋଧେ ଅନ୍ୟମାନଙ୍କ ପାଇଁ ଅସହଣୀ ହୋଇଯାଉଛି । ତାଙ୍କର ସଂଖ୍ୟାଧିକ ଲେଖା ପ୍ରକାଶ ପାଇବା, ମାନପତ୍ର ମିଳିବା , ସାରସ୍ୱତ ସଭା ସମିତିକୁ ନିମନ୍ତ୍ରିତ ହେବା ଅନ୍ୟମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ଶାଗଖିଆ ପେଜଖିଆକୁ ନ ଦେଖି ପାରିବା ଭଳି ଅନ୍ୟମାନେ ତାଙ୍କ ସଫଳତାକୁ ସହ୍ୟ କରିପାରି ନାହାନ୍ତି । ଫଳରେ ତାଙ୍କୁ ଏ ଦଶା ଭୋଗିବାକୁ ପଡିଛି । ଆମ ଓଡ଼ିଆ କଙ୍କଡାମାନଙ୍କ ଗୋଡ଼ଟଣା ନୀତି ତାଙ୍କୁ ଏ ଅବସ୍ଥାରେ ଆଣି ପକାଇଛି।

ସୌମ୍ୟରଞ୍ଜନ ବାବୁଙ୍କ ଆତ୍ମ ଅଭିମାନ ତାଙ୍କ ଆଖିରେ ଲୁହ ଜକେଇ ଆଣିଥିଲା । ସେ ମନେମନେ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀ ଓ ବିଦ୍ୟାଦାତା ପ୍ରଭୁ ଶ୍ରୀଗଣେଶଙ୍କୁ ସ୍ମରଣ କରି ନିଜ ସାରସ୍ୱତ ଜୀବନରେ ପୂର୍ଣ୍ଣଛେଦ ପକାଇ ଦିଅନ୍ତୁ ବୋଲି ପ୍ରାର୍ଥନା କରୁଥିଲେ । ମାତ୍ର ସେତିକିବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ତାଙ୍କ ରଚିତ ଗୋଟିଏ କବିତା ପୁସ୍ତକ ପାଇଁ ମନୋନୀତ କରାଯାଇ ଚଳିତ ବର୍ଷ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଥିବା ଖବର ତାଙ୍କର ଜଣେ ବନ୍ଧୁ ତାଙ୍କୁ ଫୋନ କରି ଜଣାଉଥିଲେ । ସୌମ୍ୟରଞ୍ଜନ ବାବୁ ଏତେ ଦୁଃଖ ଭିତରେ ଥାଇ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ଜୟଗାନ କରି ଖୁବ ମନଖୁସିରେ କହୁଥିଲେ , ' ଓଡ଼ିଆ ଭାଷା ଓ ସାହିତ୍ୟର ଜୟ ହେଉ , କଲମର ଜୟ ହେଉ , ଜୟ ମାଆ ସରସ୍ୱତୀ , ଜୟ ପ୍ରଭୁ ଶ୍ରୀଗଣେଶ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପା ମୋ ଓଡ଼ିଆ ମାତୃଭାଷା ଉପରେ ସର୍ବଦା ରହିଥାଉ ।'

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ଶୃଂଗାର

*ନୃସିଂହ ଷଡ଼ଙ୍ଗୀ*



ପିଆଲାଏ ମତେ ଧରେଇଦିଅ
ଗୋ ମଦିରା
ବଇଠାରେ ଦୀପ ଥୋଇ
ସଖୀ ଗାଅ ମୁକୁରା
ରଂଗିନ୍ ହେଉ ଫାଲ୍‌ଗୁନୀନିଶି ଅଧୀରେ
ଫିଟୁ କାଂଚୋଲି ପୀନପୟୋଧରୁ
ସଧୀରେ ॥
ରକ୍ତଅଳତା-ପାଦରୁ ଫିଟୁ ଗୋ ପାଉଁଜି
ମୁକୁଳା ବୁକୁ ବି ଲାଜ ଛାଡି ପଡୁ ଆଉଜି
ଦେହର ଦାହକୁ ମାପୁ ଓଠ ତୁମ ଓଠରେ
ଓଲଟ କଦଳୀ ଗଛପରି
ଜାନୁ ଚୋଟରେ।
ମଦିରା ନିଶାକୁ ବଳି ଯାଉ
ନିଶା ଦେହର
ସୁରେଇଏ ମତେ ପିଆଇ ଦେ ମିଠା
ଜହର
ଲାଗିରହୁ ନିଶା ସାରାରାତି ସାରାପହଡ
ନସରୁ ଗୋ ରାତି, ନସରୁ ଗୋ ତାତି
ଦେହର ॥
ସାର ଶୃଂଗାର ପରଶାଇ ପାଦେ ପୟର
କବରୀରେ ତମ କବର ନିଏଁ ମୁଁ ଭଅଁରା

*ସଦସ୍ୟ, କାର୍ଯ୍ୟକାରୀ ପରିଷଦ*
*ଓଡ଼ିଶା ସାହିତ୍ୟ ଏକାଡେମୀ, ମୋ-*
*୯୯୩୭୨୨୨୧୨୨*

## କବିତାର କବି

*କମଳ ଲୋଚନ ପଣ୍ଡା*



କେବେ ଚିତ୍ରାଙ୍କନ ସାଜି ଆଙ୍କିଦିଏ
ମୋ ହୃଦୟ ଫଳକରେ ତା ମନୋରମ ଛବି
ମୁଁ ତା କବିତାର କବି ।
କେବେ ଅନୁଭବ ହୁଏ
ମୋ ଭୂଗୋଳ ପରିଧି ରେ ତା ସହ
ବିତାଇଥିବା ଅନେକ ସ୍ମୃତି ର ପ୍ରତିଛବି
ମୁଁ ତା କବିତାର କବି ।
କେବେ ସାଜେ ସେ
ଶ୍ରାବଣ ସଞ୍ଜ ର ଦୀପାଳି ପୁଣିକେବେ
ଦାଣ୍ଡ ଅଗଣାର ମଲ୍ଲୀ
ମୁଁ ତା କବିତାର କବି ।

*ନୀଳଗିରି, ବାଲେଶ୍ୱର*
*ମୋ ପ ୮୯୧୭୩୪୦୮୮୯*

## ଅତୀତର ଫୁଲଝରି

*ସୁଧାକର ରାଉତ*



ଇଚ୍ଛା ହୁଏ ଫେରିବାକୁ
ପୁଣି ଅତୀତକୁ
କେତେ ଆଉ ମଧୁମକ୍ଷିକା ଭଳି
ଜ୍ଞାତି ପରି ଜନଙ୍କ
ଅନନ୍ତ ତୃଷ୍ଣାରେ
ହୋଇଣ ମଗନ
ପୋଛୁଥିବି ମୋ ବର୍ତ୍ତମାନକୁ ।
ସେମାନଙ୍କ ଆଶା ଦାବାନଳେ
ଜଳିଲି ମୁଁ ଅହରହ
ମୁକ୍ତି ଲଭିଯିବି କାଳେ ।
ମୁକ୍ତି ବା ନିର୍ବାଣ !
ସବୁ ସ୍ୱପ୍ନ ବତାସେ
ହଜିଲେ ଅକାରଣ ।
ଅନ୍ଧ ସମୟ କାନ୍ଥରେ
ଲେଖା ଥିବା ଅର୍ଥହୀନ
ଜୀବନ ର ସଂଜ୍ଞା,
ନିରକ୍ଷର ସାଜିଥିବା
ମୋ ମନ ଦର୍ପଣ
କରି ପାରିଲାନି କେବେ
ତା ପ୍ରତିଫଳନ ।
ଅଉ 'ମୁଁ' ଟାକୁ
ଅନ୍ଧାର ଆଉ ଆଲୁଅର
ବିଷ ଓ ଅମୃତ ର
ଗୋଲକ ଧନ୍ଦାରେ ପଡି
ରଙ୍ଗହୀନ ଅପରାହ୍ନେ
ଖୋଜୁଛି ତ ଖୋଜୁଛି ।
କାଳେ ଅତୀତ ରେ
ପାଇବି ତା
ନିରୁଦ୍ଵିଷ୍ଟତାର ସନ୍ଧାନ
ଲେଉଟାଣି ଖରା
ଆଉ ସୁଲୁସୁଲିଆ ପବନ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ମାଆ

*ଜଗଦୀଶ ପଣ୍ଡା*



ନିଦାଘ ସୂର୍ଯ୍ୟ ତାପରେ ଦିଏ
ତା ପଣତର ଶୀତଳ ଛାୟା
ହସ ତାର ସଜ ମୁକ୍ତା ଝରା
ସ୍ୱର୍ଣ ସତେ ଅବା ଗୋଲାପର ଛୁଆଁ,
ତା ଠୁଁ ଆରମ୍ଭ ମୋ ଟିକି ଦୁନିଆ
ତା କୋଳରେ କାନ୍ଦିଥିଲି ମୁଁ କୁଆଁ କୁଆଁ।
ନିଦ ନ ଆସିଲେ ଗାଏ
ଧୋ ରେ ବାୟା ଧୋ,
ତାତି ଆସିଲେ ଦେହରେ ମୋ
ରହେ ରାତିସାରା ମୋ ପାଶେ ଅନିଦ୍ରା।
ଜାଣେ ମୋ ମାଁ ଅପାଠୁଆ,
ଆସେନା ତାକୁ ଗଣିତର ଅଙ୍କ
ବୁଝେନା କିଛି ଦୁନିଆର ଝୁଙ୍କ
ଢାଳଦିଏ ସନ୍ତାନର ପ୍ରାଣେ
ସଞ୍ଜିବନୀ ଭରା ସ୍ନେହ ମମତା।
ମାଗିଲେ ଗୋଟିଏ ରୁଟି
ଦିଏ ଆଣି ଦୁଇଟି
ରୁଷିଗଲେ ଦିଏ ମନେଇ
ଦେଇ ମନ ପସନ୍ଦ ପ୍ରତିଟି
ମୋ ମାଆ ଅଟେ ଏମିତି।
ସଭିଏଁ କହନ୍ତି ମରଣ
ଆସେ ଅନେକ ବାଟରେ,
ଏହି ଦୁନିଆକୁ ଆସିବାକୁ ହେଲେ
ରାସ୍ତା ପରା ଗୋଟାଏ ।

*ଅଲାଡିଗାଁ, ଗଂଜାମ*

## ଖରାତ ହେବ ହିଁ ହେବ

*ଜୁଇଟ ଡେଭିଡ ଫିଲିପ୍*

ବାସନା ମାଟିର,
ଅପେକ୍ଷିତ ବର୍ଷରେ ନାକକୁ ମହ ମହ ଚହଟ,
ନିଆଁର ଧୂଆଁ ଓ ପାଣିର ବାମ୍ପ,
ବର୍ଷପର ପବନରେ ଆବୁଟାବୁନିଷ୍ଟ ? ହେବ,
ଖରା ଭଲ ଲାଗୁନି ପ୍ରେମିକା କହେ,
ତେବେ ମୁଁ କହେଁ, ଖରା, କାହିଁକି ବର୍ଷା
ଓ ଶୀତର ଅଙ୍ଗ ମଧରେ ?
ମିଳନର ବାସ୍ନା ଭଲ,
ବର୍ଷା ଓ ଶୀତକୁ ସାଙ୍ଗ ମାନେ କେବେ
ନଭୂଲିବ।
ସମୟ ବାଛିଛ,
ଖରାତ ହେବ ହିଁ ହେବ !

*ଭବାନୀପାଟଣା, କଳାହାଣ୍ଡି*
*ମୋ : ୯୪୩୭୧୦୪୩୦୩*

## ଇଚ୍ଛା ଏକ କବିତାର ନାଆଁ

*ସସ୍ମିତା ପଣ୍ଡା*



ଗୋଟେ ନାହିଁ ନାହିଁ ର ଜୀବନକୁ
ଆଲୋକିତ କରି ପାରିବ
ମୁକୁଳାଇ ପାରିବ....
ଅତୀତର ଅଭ୍ୟସ୍ତ ଅନ୍ଧାରରୁ
ଯେଉଁଠି ବନ୍ଧା ପଡ଼ିଛି
ତମାମ ଆୟୁଷ ।

ହୃଦୟ ଛୁଇଁ ଯିବ
ମହଣ ମହଣ ପୂର୍ଣ୍ଣତା
ସଦ୍ୟ କାକର ବିନ୍ଦୁରେ
ଲେଖିନେବ ଥରୁଟିଏ
ପ୍ରଣୟର ପରିଭାଷା ।

ଅନ୍ୟମନସ୍କତା ଭିତରେ
ରାତି ଅତିଷ୍ଠ ଏବେ
କହିବକି ଖୁବ୍ ଭାରିଭାରି
କାହିଁକି ଲାଗୁଛି..... ।

ଶେଷଦେଖା ସେଇଠି
ଯେଉଁଠି ତୁମେ ମୋତେ
ପ୍ରଥମେ ଭେଟିଥିଲ
ସେ ଜାଗାରୁ ଟିପେ ବି ହଲିନି
ତୁମେ କୁଆଡେ ଡାକୁଛ ଯେ....

ମୁଁ ତ ତୁମ ଇସାରାର ଅପକ୍ଷାରେ
ଅନେକ ସମୟରୁ....ଅନେକ ସମୟରୁ
ସଜେଇ ନେଇଛି ନିଜକୁ
କୁହୁଳୁଚି ତୁମ ପ୍ରତିକ୍ଷା ଜୁଇରେ।

ପାରିବତ ଫିଙ୍ଗି ଦେଇ
ଗୋଟେ ନିର୍ଜନତାକୁ
ପୂର୍ଣ୍ଣ କୋଳାହଳ ଭିତରେ
ତୁମେ ସଜାଇ ଦେବ
ମୋ ବିଛଣା ଧାରରେ
ତୁମ ପସନ୍ଦର ଫୁଲ ମାନଙ୍କୁ
ତୁମ କଲମର ସ୍ପର୍ଶରେ
ପୂରଣ କରି ଦେବ....
ମୋ କବିତାର ଶେଷଧାଡି
ପାରିବ କୁହ ପାରିବନା...॥

*କଟିକଟା, କଟକ*

## ଗୋଟିଏ ଲାଉର ମଂଜି



ସୁଚରିତା ମହାନ୍ତି

ମାଲିକର ନିର୍ଦ୍ଦେଶରେ ଜୋରସୋରରେ ଆଗେଇ ଚାଲିଚି ଘର କାମ ।ଗୋଟିଏ ଦିନ ଫାଙ୍କା ନାହିଁ ।ମନ ଇଚ୍ଛା ଭାଷା ଅଭାଷା ରେ ଗାଳିଗୁଲଜ କରିଚାଲେ ଠିକାଦାର । ସ୍ତ୍ରୀ କି ପୁରୁଷ କିଛି ବୁଝେନି ।

ମେ' ଏକ ତାରିଖ ଶ୍ରମିକ ଦିବସ ଯେତେକ ଶ୍ରମିକ ସମସ୍ତଙ୍କ ପାଇଁ ଛୁଟି ର ଦିନ ଟିଏ ।ବର୍ଷ ତମାମ ଖଟିଖଟି ପେଟ ପୋଷିବା ବ୍ୟତୀତ ଆଉ ବା କ'ଣ କରିପାରିବେ !

ସକାଳ ଦଶଟା ବେଳକୁ ଯିଏ ଯାହା କାମରେ ମାତି ଗଲେ ସନ୍ଧ୍ୟା ପାଞ୍ଚଟା ଯାଏ ।ଘରୁ କ'ଣ ଗଣ୍ଡିଏ ଖାଇ ଆସିଥିବେ ତା' ସହିତ ଆଉ ଯିଏ ଯାହା ଟିଫିନ୍ ଡବା ରେ ଭର୍ତ୍ତି କରି ଆଣିଥିବେ ଦି' ପହର ଟା ଭୋକ ମେଣ୍ଟେଇବାକୁ। ଛ' ତିଅଣ ନ' ଭଜା ଭାଗ୍ୟରେ କାହିଁ ନା ପରିବାର ସହିତ ଡାଇନିଂ ଟେବୁଲ୍ ରେ ବସି ଖୁସି ବାଣ୍ଟିବାକୁ ସମୟ ସୁବିଧା କାହିଁ ! ଆଖି ରେ ଆଖିଏ ସ୍ୱପ୍ନ ଆସିବା ବେଳକୁ ରାତି ପାହିଯାଏ, କୁକୁଡ଼ା ଡାକ ପକାଏ, ସୂର୍ଯ୍ୟ ଚାଳ ମଥାନରେ ଥିବା କଣା ରୁ ବେଶ୍ ସୁନ୍ଦର ଭାବେ ଝଲସି ଉଠନ୍ତି । କହନ୍ତି, କାହିଁକି ଶୋଇଚୁ ; ଆଜି କାମକୁ ଯିବୁନି କି; ଦେଖୁନୁ କେତେ ବେଳ ହେଲାଣି ।

ଆଖି ମଳି ବିଛଣା ଛାଡ଼ ? ମଣିଶା କନ୍ଥା ଭାଙ୍ଗି ଓରା ଉପରକୁ ଟେକି ଦେଇ କାମ ପାଇଟି ସାରି କ'ଣ ଗଣ୍ଡେ ପାଟିକୁ ପକେଇଦେଇ ବାହାରିପଡ଼ ? ନିଜ କର୍ମ ପଥେ ।

ଘର ଛୁଆ ପିଲାଙ୍କ ମୁହଁ କୁ ଚାହିଁ ମୁଣ୍ଡ ଆଉଁସି ଦିଏ ,ତା'ର ସବୁ ଥକାପଣ ସେଇଠି ମେଣ୍ଟିଯାଏ ।

ଜୀବନ ଟା ସବୁବେଳେ ଫୁଟ୍ ବଲ ପରି ସଂଘର୍ଷ ଓ ଯନ୍ତ୍ରଣା ର ପଡ଼ିଆ ରେ ଗଡୁଥାଏ ।କେଉଁଠି କେବେ ହାରେ ତ' ପୁଣି କେବେ ଜିତେ।

କଥାରେ ଅଛି ପରା,--

'ଆବେ ପରଶୁ,ଯାବେ ପରଶୁ,ବାବୁ ପରଶୁରାମ୍, ପଇସା କ୍ୟା ନ କରେ କାମ୍।'ପାଖରେ ପଇସା ନଥିଲେ ଆଜି କାଲି କେହି କାହାର ନୁହନ୍ତି । ଟିକକର ବି କେହି ପଚାରିବେ ନାହିଁ ତା' ଛଡ଼ା ଏମାନେ ତ' ଲେବର ଏମାନଙ୍କ ର ଜୀବନ କ'ଣ ଗୋଟେ ଜୀବନ କି!!

ହଁ ସତ କଥା ।କି କଦର୍ଯ୍ୟ ଚିନ୍ତାଧାରା ଆମର । ଯେଉଁମାନଙ୍କ ପାଇଁ ମନ୍ଦିର, ମସଜିଦ,ଗୀର୍ଜା, ବଡ଼ ବଡ଼ ଅଟ୍ଟାଳିକା ଠାରୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ଆବଶ୍ୟକତା ରହିଛି, ଯେଉଁମାନଙ୍କ ବିନା ସବୁ କାମ ଅଧା ଅଧୁରା ହୋଇ ପଡ଼ି ରହେ , ସେଇମାନଙ୍କୁ ଆମ ଭଳି ତୁଚ୍ଛ ମଣିଷ ମାନେ ହେୟ ଜ୍ଞାନ କରିଥାନ୍ତି ସବୁ ସମୟରେ ।ତାଚ୍ଛଲ୍ୟ କରି କଥା କହି ସେମାନଙ୍କୁ ନିରାଶ କରିବାକୁ କେହି ପଛାନ୍ତି ନାହିଁ। ବଡ଼ ବଡ଼ିଆଙ୍କ ନାଲି ଚାହାଣୀ ରେ ସେମାନେ ପାଲଟି ଯା'ନ୍ତି ଶୁଖିଲା କାଠ ଗଣ୍ଡି।

ଏଇ ତ' ଆମ ଘର ସାମ୍ନାରେ ଅନବରତ ତିଆରି ଚାଲିଚି ନୂଆ ଘର କାମ । ଠୁକ୍ ଠାକ୍ ଧଡ୍ ଧାଡ୍ କେବେ ବନ୍ଦ ନାହିଁ ।

ସେଦିନ ବି ବନ୍ଦ୍ ନଥିଲା ।

ଦଶ/ବାର ଜଣଙ୍କ କଥା ସହିତ କାମ ଚାଲିଥାଏ ।

ମୁଁ ବାହାରକୁ ଆସି ଦେଖିଲି, ଯିଏ ଯାହା କାମରେ ବ୍ୟସ୍ତ ଥାନ୍ତି ।

ତାଙ୍କ ଭିତରୁ ଗୋଟିଏ ସ୍ତ୍ରୀଲୋକ ଛୁଆ କାଖେଇ ଆସି କହିଲା, ଦିଦି ଟିକେ ପାଣି ଦିଅନା ଗୋ ! ପିଇମି ।

କହିଲି, ହଁ ଦଉଡ଼ି ଆସେ ।

ଝିଅ ଟିର ବୟସ ଅଠର/ଉଣେଇଶ ଭିତରେ ହେବ ।

ଦେହରେ ଜୀବନ ନାହିଁ ।

ତା' ସାଙ୍ଗରେ ଛୋଟିଆ ଛୁଆ ଟିଏ କାଖରେ ଜାକିଥାଏ।

ଭାରି କଷ୍ଟ ହେଲା ମା' ଛୁଆ ଦୁହିଁଙ୍କୁ ଦେଖି।

ଉହଡହ ଖରା ତାତି ।

ହଁସା ଉଡ଼ି ଯାଉଚି । ଆଜି ପୁଣି ତାଙ୍କ ପାଇଁ ବିଶ୍ରାମ ର ଦିନ ଟିଏ ହେଲେ-! ପିଣ୍ଡାରେ କିଛି ସମୟ ବସିଲା । ପଚାରିଲି ,କ'ଣ ଖାଇଚୁ ?

ଶୁଖିଲା ମୁହଁ ରେ ଟିକିଏ ହସ ଫୁଟେଇ କହିଲା, ମୁଢ଼ି ମୁଠେ ଖାଇଚି ଗୋ ।ପଖାଳ ଆଣିଚି ଖାଇମି ।

ପଚାରିଲି ତରକାରୀ କ'ଣ ଆଣିଚୁ ?

ହଁ ଶୁଖୁଆ ପୁଡ଼ା ।

କହିଲି, ହଉ ।

ଯେତେବେଳେ ଖାଇବୁ ଆସି ତରକାରୀ ନେଇ ଯିବୁ ।

ପଖାଳ ଖାଇବୁ ।

ବହୁତ ଖୁସି ହୋଇଗଲା ।

କହିଲା, ହଁ ଗୋ ଦିଦି ନେଇଯିମି ।

ଠିକାଦାର ପାଟି କରିବ ବୋଲି ସେ ଡରରେ ଆଉ ନ ବସି ଉଠି ଚାଲିଯାଉଥିଲା କାମ କୁ ।

ତାକୁ କହିଲି, ତୋ ଛୁଆ କୁ ଏଇଠି ଛାଡ଼ିଦେଇ ଯା' । ଏତେ ଖରାରେ ନେନା ।କାମ ସରିଲେ ନେଇଯିବୁ ।

ମୋ କଥା ମାନି ଛୁଆ କୁ ମୋ ପାଖରେ ଛାଡ଼ି କାମ କୁ ଚାଲିଗଲା ।

ଛୁଆଟିକୁ କିଛି ଖେଳନା ଧରେଇ ଦେଲି ସେ ବେଶ୍ ଖେଳରେ ମାତି ଗଲା ଯେ, ଆଉ କାନ୍ଦାକାନ୍ଦି କଲାନି। ଭାରି ସୁନ୍ଦରିଆ ପିଲାଟି ।

ଦି' ପହର କୁ ଝିଅଟି ଆସି ତରକାରୀ ନେଇ ଖାଇସାରିବା ପରେ ଅଧଘଣ୍ଟା ବିଶ୍ରାମ କଲା ।

କାହିଁକି କେଜାଣି ଝିଅଟି ପାଇଁ ମୋତେ ଭାରି ଦୁଃଖ ଲାଗୁଥାଏ ।

ପଚାରିଲି ତୋ ଘରେ ଆଉ କିଏ ଅଛନ୍ତି ? ପ୍ରଥମେ ଟିକେ ଲାଜ କଲା ଭଳି ମୁହଁ ତଳକୁ କରି କହିଲା, କେହି ନାହିଁ ।

ମୁଁ ପଚାରିଲି, ତୋ ବର, ଶାଶୁ ଶ୍ୱଶୁର ଅନ୍ୟମାନେ କେହି ତ ଥିବେ ?

ଆଖି ଛଳଛଳ କରି କହିଲା,

ହଁ ।

ତା' କଥା ଆଉ ଚାହାଣୀ ରେ ଯନ୍ତ୍ରଣା ର ଜୁଆର ଟେ ଢେଉ ଭାଙ୍ଗୁଥିଲା ।

କ'ଣ ହେଲା

ସମସ୍ତେ ଅଛନ୍ତି ତ ?

ମୋତେ ମୋତେମୋ ବର ବାହାର କରି ଦେଇଚି ।ଆଉ ଗୋଟେ ମାଇକିନିଆ ରଖିଚି ।

କିଛି କହିଲିନି । ଦୀର୍ଘ ନିଃଶ୍ୱାସ ପକେଇ ବସି ରହିଲି ।

ଗୋଟେ ପରେ ଗୋଟେ ତା' ସହିତ ଘଟିଥିବା ଘଟଣା ବର୍ଣ୍ଣି ଗଲା ।

ମୁଁ ଚଳଚ୍ଚିତ୍ର ଦେଖିବା ପରି କେବଳ ଶୁଣୁଥିଲି ଆଉ ତାକୁ ଅନେଇ ରହିଥିଲି।

ମୋ ପାଖରେ କିଛି କହିବା ପାଇଁ ଶବ୍ଦ ନଥିଲା ।

ଅବାକ୍ ହେଇଗଲି ।

ଅଧଘଣ୍ଟା ବିତି ଯାଇଥିଲା ।

ସେ ପୁଣି ଗଲା ତା' ଅଧୁରା କାମ ଶେଷ କରିବା କୁ ।

ମୁଁ କିନ୍ତୁ.. ପଢୁଥିଲି ତା' ସତର ବର୍ଷ ର ଖୋଲା ବହିଟାକୁ ଆଉ ଗଣୁଥିଲି ଏକ, ଦୁଇ କରି ତା' ପିଠିରେ ବସିଥିବା ଗୋଇଠା, ବିଧା, ଚାପୁଡ଼ା ରେ ଭରି ରହିଥିବା ଅସଂଖ୍ୟ ଦାଗ ମାନଙ୍କୁ ।

ଛୋଟ ପିଲା ଟାକୁ ଛାତିରେ ଭିଡ଼ି ଧରିଲି।

କେଇବୁନ୍ଦା ଲୁହ ମନକୁ ମନ ଝରି ଗଲା ସେଇ ନିଷ୍ପାପ କଅଁଳ ପିଲାଟି ଉପରେ।

ସେ ଅବା କ'ଣ ବୁଝେ !

କ'ଣ ସବୁ ଗୁଲୁରୁ ମୁଲୁରୁ ହୋଇ କହି ଚାଲିଥାଏ ମୋ ମୁହଁଟାକୁ ଚାହିଁ ।

ସମୀକ୍ଷା କରୁଥିଲି ଆମ ମଣିଷ ମାନଙ୍କ କଥା ।

ଆମେ ମଣିଷ ଏମିତି କାହିଁକି ? ବିଶୃଙ୍ଖଳା,ବିଦ୍ରୋହ, ବ୍ୟଭିଚାର ବ୍ୟତୀତ କ'ଣ ଆମେ ଆଉ କିଛି ବି ଶିଖିନାହୁଁ ।

ଶିକ୍ଷିତ ଅଶିକ୍ଷିତ ସମସ୍ତେ କ'ଣ ଗୋଟିଏ ଲାଉ ର ମଂଜି !!

*ମାହାଙ୍ଗା,କଟକ*
*ମୋ :୮୯୧୭୫୭୧୨୦୨*




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ଼, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା । ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ।

## ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍‌ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

## ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୂବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଲୀ ଦେବସ୍ମିତା, ପୁର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଡିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ ।

## ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି । ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି । ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି । ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ । ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ ।ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି ।ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି ।ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି ।ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ଼ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା,ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ,ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା । ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ପୁପୁ ମହପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ । ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ । ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା । ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି । ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ , ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ । ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ । ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ ।

## ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ । ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା । ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା । ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା । ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ୨୨୬/ ୨୨ରେ ଏକ ମାମଲା ରୁଜୁ କରିଥିଲେ । ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି । ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ ।

## ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Monday May 15, 2023 ଭୁବନେଶ୍ୱର ସୋମବାର, ମଇ ୧୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିମ୍ସରେ ବିଶ୍ୱ ମାତୃ ଦିବସ




ଭୁବନେଶ୍ୱର (ପି.ଏନ): ମାଆର ମମତା ଓ ବାତ୍ସଲ୍ୟ ସନ୍ତାନଙ୍କ ଜୀବନର ସ୍ରୋତ। ମାଆ ନିଜ ସନ୍ତାନ ପାଇଁ ସମଗ୍ର ଜୀବନ କଷ୍ଟ ସହ୍ୟ କରିଥାଏ ଏବଂ ପ୍ରତି ବଦଳରେ ସନ୍ତାନକୁ ପୃଥିବୀର ସର୍ବଶ୍ରେଷ୍ଠ ମଣିଷ ଭାବେ ଗଢ଼ି ତୋଳେ। ରବିବାର କିମ୍ସ-ଭୁବନେଶ୍ୱର ପରିସରରେ ବିଶ୍ୱ ମାତୃ ଦିବସ ପାଳନ ଅବସରରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହା କହିଛନ୍ତି। କିମ୍ସ ପରିସରରେ ମାଇଁ ମଦର ମାଇଁ ହିରୋ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶ୍ରୀ ସାମନ୍ତ ନିଜ ଜୀବନରେ ମାଆଙ୍କ ପ୍ରଭାବ ସମ୍ପର୍କରେ କହିବା ସହ ମାଆ ସ୍ୱର୍ଗତ ନୀଳିମାରାଣୀଙ୍କ ସ୍ମୃତିଚାରଣ କରିଥିଲେ। ନୀଳିମାରାଣୀ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଶ୍ରୀ ସାମନ୍ତଙ୍କୁ ଜଣେ ସଫଳ ମଣିଷ ଭାବେ ଗଢ଼ି ତୋଳିଥିଲେ। କିନ୍ତୁ ନିଜ ଜୀବନର ଦୀର୍ଘ ୨୫ବର୍ଷର ସଂଘର୍ଷ ମଧ୍ୟରେ ଶ୍ରୀ ସାମନ୍ତ ନିଜ ମାଆଙ୍କ ପ୍ରତି ଯଥେଷ୍ଟ ସମୟ ଦେଇପାରିନଥିବାରୁ ଦୁଃଖ ପ୍ରକାଶ କରିଥିଲେ। ତେବେ ପ୍ରତ୍ୟେକ ମାଆଙ୍କ ପ୍ରତି ସନ୍ତାନମାନେ ଯତ୍ନଶୀଳ ହେବାକୁ ସେ ଅନୁରୋଧ କରିଥିଲେ। ମାଆଙ୍କ ସ୍ମୃତି ଓ ଅନୁଭୂତିରେ ଶ୍ରୀ ସାମନ୍ତ ଲେଖିଥିବା 'ମାଇଁ ମଦର ମାଇଁ ହିରୋ' ପୁସ୍ତକଟି ବେଶ ଲୋକପ୍ରିୟ ହୋଇଥିବା ବେଳେ ବିଶ୍ୱର ପ୍ରାୟ ଶହେଟି ଦେଶର ଲୋକ ଏହି ପୁସ୍ତକ ପଢ଼ିବାର ସୁଯୋଗ ପାଇଛନ୍ତି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଥିଲେ। କିମ୍ସରେ ପ୍ରତିବର୍ଷ ମେ ଦ୍ୱିତୀୟ ରବିବାର ବିଶ୍ୱ ମାତୃ ଦିବସ ପାଳନ କରାଯାଇଥାଏ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ (କିମ୍ସ) ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, କିମ୍ସ ମେଡିକାଲ୍ ଅଧୀକ୍ଷକ ଡା. ରାମଚନ୍ଦ୍ର ଦାସଙ୍କ ସମେତ କିମ୍ସର ବହୁ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଚିକିତ୍ସିତ ଅବସ୍ଥାରେ ପାରାଦୀପର ବ୍ୟବସାୟୀ ପ୍ରକାଶ ପଟ୍ଟନାୟକଙ୍କ ଦେହାନ୍ତ

ପାରାଦୀପ,(ପି.ଏନ) ପାରାଦୀପ ନିକଟସ୍ଥ ବାଲିଡିଆ ଗ୍ରାମର ଜଣାଶୁଣା ବ୍ୟବସାୟୀ ପ୍ରକାଶ କୁମାର ପଟ୍ଟନାୟକ (୫୭), ଶ୍ରଦ୍ଧାନାମ ବୁଟୁଙ୍କ ରବିବାର ଦିନ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। କିଛି ଦିନ ହେବ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିଛି ଦିନ ଧରି ଚିକିତ୍ସିତ ହେବା ପରେ ଏହା ବ୍ରେନ ଷ୍ଟ୍ରୋକ ବୋଲି ଜଣାପଡିଥିଲା। ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନଥିବା ବେଳେ ଚେତାଶୂନ୍ୟ ଅବସ୍ଥାରେ ରବିବାର ଦିନ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଏ ଖବର ପ୍ରଚାରିତ ହେବା ପରେ ପାରାଦୀପ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ୱର୍ଗତ ପଟ୍ଟନାୟକ ପାରାଦୀପ ବନ୍ଦରର ପୂର୍ବତନ କର୍ମଚାରୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଜ୍ୟେଷ୍ଠ ପୁତ୍ର ଏବଂ ସାନ ଭାଇ ବିକାଶ କୁମାର ପଟ୍ଟନାୟକ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଅଟନ୍ତି।

# ପରମପୂଜ୍ୟ ଶ୍ରୀଶ୍ରୀ ରବିଶଙ୍କରଙ୍କ ୬୭ତମ ଜନ୍ମ ଉତ୍ସବ ପାଳିତ



ପାରାଦୀପ,(ପି.ଏନ): ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ ଲିଭିଂର ପ୍ରତିଷ୍ଠାତା ସଦଗୁରୁ ଶ୍ରୀଶ୍ରୀ ରବିଶଙ୍କର ଙ୍କ ୬୭ତମ ଜନ୍ମ ଉତ୍ସବ ପାରାଦୀପ ନୂଆବଜାରସ୍ଥିତ ଆର୍ଟ ଅଫ ଲିଭିଂ କେନ୍ଦ୍ରରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୋଗଗୁରୁ ତାପସ ପତି ଓ ପ୍ରଶିକ୍ଷକ ମୂର୍ଚ୍ଛନା ମିଶ୍ର ଭକ୍ତ ମାନଙ୍କୁ ସୁଦର୍ଶନ କ୍ରିୟା କରାଇଥିଲେ। ଶ୍ରୀଶ୍ରୀ ରବିଶଙ୍କର ଙ୍କ ଶିଷ୍ୟ ମାନଙ୍କ ଦ୍ୱାରା ଲୋକନାଥ ଶିଶୁ ଆଶ୍ରମ ଓ ମା ସନ୍ତୋଷି ଜରା ଆଶ୍ରମରେ ଆଲୋକ ମହାପାତ୍ର, ପବିତ୍ର ଦାସ, ସ୍ମୃତି ମହାନ୍ତି, ଅନନ୍ତ ମିଶ୍ର, ଆଶିଷ ଲେଙ୍କା, ଧ୍ରୁବ ଚନ୍ଦ୍ର ତରାଇ, ପ୍ରଶାନ୍ତ ମହାରଣା, ସନ୍ତୋଷ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନ୍ନଦାନ ୧୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ କରାଯାଇଥିଲା। ସାନ୍ଧ୍ୟ ସତସଙ୍ଗରେ ଉପସ୍ଥିତ ଭକ୍ତବୃନ୍ଦ ଭକ୍ତିଭାବରେ ନୃତ୍ୟ କରିଥିଲେ। ଓଡିଶା ଆର୍ଟ ଅଫ ଲିଭିଂ ଆପେକ୍ସ ବୋର୍ଡର ସଭ୍ୟ କାଳି ପ୍ରସାଦ ମିଶ୍ର ଓ ସଂପାଦକ ସୁଶାନ୍ତ ସେଠୀ ସନ୍ଧ୍ୟା ସତସଙ୍ଗରେ ଯୋଗ ଦେଇ ଆଧ୍ୟାତ୍ମିକ ଅଭିଭାଷଣ ରଖିଥିଲେ। ଶେଷରେ ଗୁରୁଦେବଙ୍କ ପାଇଁ କେକ୍ କଟାଯିବା ସଙ୍ଗେସଙ୍ଗେ ଜୟନ୍ତ କୁମାର ଦାସ, ପ୍ରିୟତମା ଜେନା, ଦୁଷ୍ମନ୍ତ ମଲ୍ଲିକଙ୍କ ପରିଚାଳନାରେ ୩୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ



ଯାଜପୁର (ପି.ଏନ): ଦଶରଥପୁର ବ୍ଲକ ଚିତାଳୋ ପଞ୍ଚାୟତର ଆଞ୍ଚଳିକ ନାଗରିକ ସଂଘ ଝାଡଙ୍ଗାର ଏକ ସାଧାରଣ ବୈଠକ ସଂଘ ଗୃହରେ ରବିବାର ଦିନ ଅନୁଷ୍ଠିତ ହୋଇ ସଭ୍ୟ ମାନଙ୍କୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂଘ ସଭାପତି ନୃସିଂହ ଚରଣ ମହାପାତ୍ର, ସଂପାଦକ ପ୍ରବୋଧ କୁମାର ନାୟକ ଓ ଜିଲ୍ଲାସଂଘର ସହ-ସମ୍ପାଦକ ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହି ସଂଘର ସଭାପତି ଧନଞ୍ଜୟ କେଶରୀ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ସମ୍ପାଦକ ସଚ୍ଚିଦାନନ୍ଦ ସାମଲ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସଂଘର ଉଦ୍ଦେଶ୍ୟ ଓ ପରିଚୟ ପତ୍ରର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସଭାରେ ବରିଷ୍ଠ ସଭ୍ୟ ମହମ୍ମଦ ହଲିମ, ଫକିର ଚରଣ ରାଉତରା, ପୂର୍ଣ୍ଣ ଚନ୍ଦ୍ର ସାହୁ, ନିରଞ୍ଜନ ଯେନା, ରାମଚନ୍ଦ୍ର ସେଠୀ, ଶ୍ରୀନିବାସ ଦାଶ, ନକୁଳ ମଲ୍ଲିକ, ଶ୍ୟାମସୁନ୍ଦର ବେହୁରିଆ, ଅନନ୍ତ ସାହୁ, ବାବୁଲି ମଲ୍ଲିକ, ଆନନ୍ଦ ମିଶ୍ର ମହାଳିକ, ହରେକୃଷ୍ଣ ଯେନା, ଗୋପୀନାଥ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ସଭାଶେଷରେ ସଭ୍ୟ ଅଦ୍ୱୈତ୍ୟ ପ୍ରସାଦ ସାହୁ ଧନ୍ୟବାଦ କରିଥିଲେ।

# ପତିତପାବନ କଳା ନିକେତନର ୩୪ତମ ବାର୍ଷିକ ଉତ୍ସବ ପାଳନ



ନୂଆଦିଲ୍ଲୀ,(ପି.ଏନ): ଦିଲ୍ଲୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପତିତପାବନ କଳା ନିକେତନର ୩୪ତମ ବାର୍ଷିକ ଉତ୍ସବ ନିକଟରେ ମହାସମାରୋହରେ ପାଳନ କରାଯାଇଛି। ଏହି ଉପଲକ୍ଷେ ଉତ୍ସବସ୍ଥଳ ଇଷ୍ଟ ଅଫ କୈଳାସ ଅନ୍ତର୍ଗତ ଦେଶରାଜ କଲେଜ ପରିସରସ୍ଥିତ ଆର୍ଯ୍ୟ ପ୍ରେକ୍ଷାଳୟକୁ ଖୁବ ସୁନ୍ଦର ଭାବେ ସଜାଯାଇ ଥିବା ଦେଖାଯାଇଥିଲା। ମହୋତ୍ସବରେ ସଂସ୍ଥାର ସାନ ଓ ବଡ଼ଙ୍କୁ ମିଶାଇ ମୋଟ ୩୨ ଜଣ କଳାକାର ଅଂଶ ଗ୍ରହଣ କରିଥିଲେ। ବିଶିଷ୍ଟ ଓଡ଼ିଶୀ ଗୁରୁ ତଥା ଓଡ଼ିଶୀ ନୃତ୍ୟର ପ୍ରବାଦ ପୁରୁଷ ଗୁରୁ ଦେବପ୍ରସାଦ ଦାସଙ୍କର ବରିଷ୍ଠ ଶିଷ୍ୟ ସ୍ୱର୍ଗତଃ ପ୍ରଭାସ କୁମାର ମହାନ୍ତି, ପତିତପାବନ କଳା ନିକେତନକୁ ୧୯୮୭ ମସିହାରେ ପ୍ରତିଷ୍ଠା କରିଥିଲେ। ଦୀର୍ଘ ୩୪ ବର୍ଷ ହେଲା ନିକେତନ ଜାତୀୟ ରାଜଧାନୀ କ୍ଷେତ୍ରରେ ନୃତ୍ୟ, ସଙ୍ଗୀତ ତଥା ନାଟକକୁ ଲୋକପ୍ରିୟ କରିବାରେ ଲାଗିଛି। ଏବେ ଏହି ସଂସ୍ଥାନରେ ଦୁଇ ଶହ ଶିକ୍ଷ୍ୟାଶିକ୍ଷ୍ୟ ତାଲିମ ଲାଭ କରୁଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରୁ ଶିକ୍ଷାପ୍ରାପ୍ତ କରିଥିବା ୫୦୦ କଳାକାର ଦେଶ ବିଦେଶରେ ବିଭିନ୍ନ ପ୍ରସିଦ୍ଧ ସାଂସ୍କୃତିକ ଉତ୍ସବରେ ଭାଗ ନେଇ ବହୁ ସୁନାମ ଅର୍ଜନ କରିଥିବା ଜଣାଯାଇଛି। ପ୍ରତିଷ୍ଠାନର ୫୦ ଜଣ ବିଦ୍ୟାର୍ଥୀ ବୃତ୍ତି ପ୍ରାପ୍ତ କରିଥିବା ବେଳେ ୨୦ ଜଣ ଦୂରଦର୍ଶନର ମାନ୍ୟତା ଅର୍ଜନ କରିଛନ୍ତି। ସଂପ୍ରତି ପତିତପାବନ କଳା ନିକେତନକୁ ଏହାର ପ୍ରିନ୍ସପାଲ ଗୁରୁ ପ୍ରକାଶ କୁମାର ମହାନ୍ତି, ନୃତ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ସଙ୍ଗୀତା ମହାନ୍ତି, ସାଧାରଣ ସମ୍ପାଦକ ଶୟଦ୍ ଡାନିସ୍ ଏବଂ ଯୁଗ୍ମ ସମ୍ପାଦକ ରଜନୀକାନ୍ତ ମହାନ୍ତି କୁଶଳତାର ସହିତ ପରିଚାଳନା କରୁଛନ୍ତି। ବାର୍ଷିକ ଉତ୍ସବ ଆମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା। ସମାବେଶକୁ ସମ୍ବୋଧନ କରି ମୁଖ୍ୟ ଅତିଥି ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ ଶ୍ରୀ କିଶୋର ଦ୍ୱିବେଦୀ, ଓଡ଼ିଶାର ଉତ୍କୃଷ୍ଟ କଳା, ଉତ୍ତୁଙ୍ଗ ଐତିହ୍ୟ ଏବଂ ଜାଜ୍ୱଲ୍ୟମାନ ଜଗନ୍ନାଥ ସଂସ୍କୃତିକୁ ଜାତୀୟ ରାଜଧାନୀରେ ପ୍ରଚାର ପ୍ରସାର କରିବାରେ ନିକେତନର ବଳିଷ୍ଠ ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ତ୍ୟାଗରାଜ ନଗରସ୍ଥିତ ଜଗନ୍ନାଥ ମନ୍ଦିରର ସମ୍ପାଦକ ଇଂ କାମଦେବ ବିଶ୍ୱାଳ, ଓଡ଼ିଶୀ ନୃତ୍ୟ ପଟ୍ଟୟସୀ ଡ଼ଃ ଚନ୍ଦନା ରାଉଳ, ଓଡ଼ିଶୀ ଗୁରୁ ଶ୍ରୀମତୀ ବାଣୀ ମାଧବ ଏବଂ ସେଣ୍ଟ ପାଉଲସ୍ ବିଦ୍ୟାଳୟର ପ୍ରିନ୍ସପାଲ ବର୍ଣ୍ଣାଡେଟ୍ ତିଳକା ବେଞ୍ଜାମିନ କୋଭିଡ ସଙ୍କଟ ପରେ ପ୍ରଥମ ଥର ପାଇଁ ନିକେତନ ଏଭଳି ଭବ୍ୟ ଉତ୍ସବ ଆୟୋଜନ କରିଥିବାରୁ ଉଦ୍ୟୋକ୍ତା ମାନଙ୍କୁ ହାର୍ଦ୍ଦିକ ବଧାଇ ଜଣାଇଥିଲେ। ନିକେତନର ବାଳୁତ କଳାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ଆବାହନୀ ସଂରଚନା, 'ଗୁରୁବ୍ରହ୍ମା' ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା। ମଞ୍ଚ ଉପରେ ପ୍ରଖର ପ୍ରତିଭାବାନ ଶିଶୁ ମାନଙ୍କର ଯାଦୁଗରି ପ୍ରଦର୍ଶନ ଦର୍ଶକମାନଙ୍କୁ ଅଭିଭୂତ କରିଦେଇଥିଲା। ଏହାପରେ ପାରଦର୍ଶୀ ନୃତ୍ୟଶିଳ୍ପୀମାନେ ବୈଦ୍ୟୁତିକ ପଦଚାଳନା ଓ ଆକର୍ଷଣୀୟ ଅଙ୍ଗଭଙ୍ଗୀ ମାଧ୍ୟମରେ ଚମତ୍କାର କଥକ ନୃତ୍ୟ ପରିବେଷଣ କରିଥିଲେ। ତାପରେ ଟ୍ୱିଙ୍କିଲ୍ ସୋନି 'ନ ଯାରେ ଯମୁନା' ନୃତ୍ୟ ସଂଯୋଜନାକୁ ଖୁବ ନିଖୁଣ ଶରୀର ଚାଳନା ଓ ଜୀବନ୍ତ ମୁଖାଭିନୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ସୋପାନରେ ନିକେତନର ଉଦୀୟମାନ କଳାକାରମାନେ ଓଡ଼ିଶୀ ଏବଂ କଥକ ଶୈଳୀରେ ସ୍ଥାୟୀ ଓ ବସନ୍ତ ପଲ୍ଲବୀ ଆଦି ନୃତ୍ୟ ରଚନା ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠିତ ନୃତ୍ୟାଙ୍ଗନା ସାତଭିକା ଶ୍ରୀୟାଦର୍ଶନୀଙ୍କ ଦ୍ୱାରା ଏକାକୀ ମଞ୍ଚସ୍ଥ 'ଶ୍ରିତ କମଳ' ସଂରଚନା ବେଶ ହୃଦୟସ୍ପର୍ଶୀ ଥିଲା। ସବାଶେଷରେ ଖୁବ ଜୋରଦାର ଓ ଜାକଜମକ ଢଙ୍ଗରେ ନିକେତନର କଳାକାର ମାନଙ୍କଦ୍ୱାରା ପ୍ରଦର୍ଶିତ ରଙ୍ଗବତୀ ଗୋଷ୍ଠୀ ନୃତ୍ୟ, ଉତ୍ସବର ପ୍ରଧାନ ଆକର୍ଷଣ ଥିଲା ଏବଂ ସମଗ୍ର ସଭାଗାରକୁ ଅନନ୍ୟ ଆନନ୍ଦ, ଅପୂର୍ବ ଉଲ୍ଲାସ ଏବଂ ଅଫୁରନ୍ତ ଉନ୍ମାଦନାର ଉଚ୍ଛ୍ୱାସରେ ଭରି ଦେଇଥିଲା। ଏହି ଅବସରରେ ନିକେତନର ସର୍ବ ପୁରାତନ ଛାତ୍ରୀ ସିପିକା ନାର୍ଭେକରଙ୍କୁ ଅନୁଷ୍ଠାନର ସମୃଦ୍ଧି ପାଇଁ ତାଙ୍କର ବ୍ୟାପକ ଅବଦାନ ଯୋଗୁଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିଥିମାନେ ଅଂଶ ଗ୍ରହଣକାରୀ କଳାକାର, ସଂଗଠକ, ସ୍ୱେଚ୍ଛାସେବୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତା ତଥା ଶିକ୍ଷକ ମାନଙ୍କୁ ଫଳକ ଓ ମାନପତ୍ର ପ୍ରଦାନ କରି ଶଙ୍ଖୁଳି ଥିଲେ। ନିକେତନର ସାଧାରଣ ସମ୍ପାଦକ ଶୟଦ ଡାନିସ ସଂସ୍ଥାର ସାଫଲ୍ୟ ଓ ଭବିଷ୍ୟତ କାର୍ଯ୍ୟସୂଚୀକୁ ଉଲ୍ଲେଖକରି ବାର୍ଷିକ ବିବରଣୀ ପାଠ କରିଥିଲେ। ସମଗ୍ର ତିନି ଘଣ୍ଟାର ଅଧିବେଶନକୁ ଖୁବ ସହଜ, ସରସ ଏବଂ ସରଳ ଢଙ୍ଗରେ ସଞ୍ଜୟ ସୁବୁଦ୍ଧି ସଂଯୋଜନା ଓ ଉପସ୍ଥାପନା କରିଥିଲେ। ବାର୍ଷିକ ଉତ୍ସବର ପ୍ରତ୍ୟେକ ପ୍ରସ୍ତୁତି ବେଶ ଉନ୍ନତ ଧରଣର ଥିଲା ଏବଂ ଦର୍ଶକ ମାନଙ୍କ ଦ୍ୱାରା ଖୁବ ଆଦୃତ ହୋଇଥିଲା। ଉଭୟ କଳାପ୍ରେମୀ ଜନସାଧାରଣ ଓ ସଂସ୍କୃତି ସମୀକ୍ଷକ ମାନେ ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ବେଶ୍ ମନଭରି ଉପଭୋଗ କରିବା ସହିତ ଖୁବ ପସନ୍ଦ କରିଥିଲେ। ଭାଗନେଇଥିବା ଅନ୍ୟାନ୍ୟ କଳାକାର ମାନଙ୍କ ମଧ୍ୟରେ ଯଶଭି ସେନ, ଆସ୍ଥିକା ମୌର୍ଯ୍ୟ, ଅନନ୍ୟା ଦାସ, ସୁହାନି ଲଭଲିନ, ଦେବଂଶୀ ଗାରବ୍ୟାୟାଲ, ଶୁଭାସିନି ଗୌଡ, ତନିଶାରାଣୀ ଲେଙ୍କା, ଆସଭି ଯୋଶୀ, ସଂସ୍କୃତି ସିଂହ, ଗୁଞ୍ଜନ ଚୌଧୁରୀ, ଆହାନା ଭଟ୍ଟ, ଶ୍ରିନିକା ମିଶ୍ର, ବିଦ୍ୟା ମାଥ୍ୟୁ ଭଗତ, ଇଶାନି ଯୋଶୀ, ବୈଷ୍ଣବି ଦାସ, ବିଦୁସ୍ମିତା ମନ୍ତ୍ରୀ, ଦେଲିନା ମହାନ୍ତି, ବୈଷ୍ଣବୀ ପଢ଼ିହାରୀ, ପ୍ରୀତି ଗୌତମ, ଇଷାନା ମହାନ୍ତି, ପ୍ରିୟଙ୍କା ସଜନୀ, ଅନୁଷ୍କା ନନ୍ଦୀ, ଚନ୍ଦ୍ରିକା ବାରିକ, ହିରାଲ ବୈଶୋୟା, ନିଶିକା ବୈଶୋୟା, ମିନାକ୍ଷୀ ବର୍ମା, ମାଧବୀ ସିଂହ, ଶିବାନୀ କୁମାରୀ, କେତକୀ ଚୌହାନ ଓ ବୈଭବ କୁମାର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଏମ.ଏସ. ଜମାନ୍, ସଇଦା ତାଏବା, ସୁଶାନ୍ତ ଚାନ୍ଦ, ସରୋଜ ପାଣିଗ୍ରାହୀ, ପ୍ରଫୁଲ୍ଲ ମଙ୍ଗରାଜ, ପ୍ରଶାନ୍ତ ବେହେରା ଓ ନିଖିଳ ବେହେରା ପ୍ରମୁଖ ସାମିଲ ଥିଲେ। ସମାରୋହକୁ ବ୍ୟାପକ ଭାବେ ସଫଳ କରାଇବାରେ ସଂପୃକ୍ତ ଥିବା ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଅରୂପ ମିତ୍ର, ସାଗରିକା ସୁବୁଦ୍ଧି, ସାଗର ଦାସ, ବସୁମିତା ମିତ୍ର ଏବଂ ଶ୍ରାବଣୀ ସୌଗନ୍ଧିକା ପ୍ରମୁଖ ଅନ୍ୟତମ ଥିଲେ।

# ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଭେଟିଲେ ଜୟଦେବ ବିଧାୟକ ଡ଼ ଅରବିନ୍ଦ ଢାଲି



ଭୁବନେଶ୍ୱର,(ପି.ଏନ): ଜୟଦେବ ବିଧାୟକ ଡ଼ ଅରବିନ୍ଦ ଢାଲି ଭୁବନେଶ୍ୱର ସ୍ଥିତ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଙ୍କ ବାସଭବନରେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ. ଶ୍ରୀ ଢାଲି ମୁଖ୍ୟତଃ ଜୟଦେବ ପିଠର ବିକାଶ, ଶିଶୁ ଅନନ୍ତ ମଠର ବିକାଶ, ଚଉଷଠି ଯୋଗିନୀ ଐତିହ୍ୟ ତୋରଣ ନିର୍ମାଣ ରେ ବିଳମ୍ବ, ଯଶୁଆପୁର ଐତିହ୍ୟ ଗେଟ ନିର୍ମାଣ ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ପ୍ରିୟବ୍ରତ ପାତ୍ର, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଯୁବ ନେତା ସହଦେବ ସ୍ୱାଇଁ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray